بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ

# ବଦର

Weekly

# BADAR

କାଦିଆନ

Qadian

Odia

ସଂଖ୍ୟା: 48

ବାର୍ଷିକ ଦେୟ : 600/-

05 ଜୁମାଦିଉସ୍ ସାନି, 1447 ହି.କ, 27 ନବୁୱତ୍ 1404 ହି.ଶ, 27 November 2025 ମସିହା

www.akhbarbadr.in


### ଅଲ୍ଲାଃତାଲାଙ୍କ ବାଣୀ

فَاجۡتَنِبُوا الرِّجۡسَ مِنَ الۡاَوۡثَانِ وَاجۡتَنِبُوۡا قَوۡلَ الزُّوۡرِ ○

(ସୁରତୁଲ୍ ହଜ୍: 24)

**ଅନୁବାଦ:** ତୁମ୍ଭେମାନେ ପିତୁଳା ଜନିତ ଅପରବିତ୍ରତା ଠାରୁ ବର୍ତ୍ତିବାକୁ ପ୍ରୟାସ କର ଓ ମିଥ୍ୟା କହିବାରୁ ମଧ ବର୍ତ୍ତିବାକୁ ପ୍ରୟାସ କର ।

### ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

### ସତ୍ୟତା ପୁଣ୍ୟ ଆଡ଼କୁ (ନେଇ ଯାଇଥାଏ) ମାର୍ଗଦର୍ଶନ କରିଥାଏ ଏବଂ ପୁଣ୍ୟ ସ୍ୱର୍ଗ ଆଡ଼କୁ ମାର୍ଗଦର୍ଶନ କରିଥାଏ (ନେଇ ଯାଇଥାଏ) :

☆عَنِ ابۡنِ مَسۡعُوۡدٍ رَضِیَ اللّٰہُ عَنۡہُ عَنِ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ قَالَ: اِنَّ الصِّدۡقَ یَہۡدِیۡ اِلَی الۡبِرِّ۔ وَاِنَّ الۡبِرَّ یَہۡدِیۡ اِلَی الۡجَنَّۃِ، وَاِنَّ الرَّجُلَ لَیَصۡدُقُ حَتّٰی یُکۡتَبَ عِنۡدَ اللّٰہِ صِدِّیۡقًا۔ وَاِنَّ الۡکَذِبَ یَہۡدِیۡ اِلَی الۡفُجُوۡرِ، وَاِنَّ الۡفُجُوۡرَ یَہۡدِیۡ اِلَی النَّارِ، وَاِنَّ الرَّجُلَ لَیَکۡذِبُ حَتّٰی یُکۡتَبَ عِنۡدَ اللّٰہِ کَذَّابًا۔

ହ. ଇବ୍‌ନେ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ସତ୍ୟତା ପୁଣ୍ୟ ଆଡ଼କୁ (ନେଇ ଯାଇଥାଏ) ମାର୍ଗଦର୍ଶନ କରିଥାଏ ଏବଂ ପୁଣ୍ୟ ସ୍ୱର୍ଗ ଆଡ଼କୁ ମାର୍ଗଦର୍ଶନ (ନେଇ ଯାଇଥାଏ) । ଯେଉଁ ବ୍ୟକ୍ତି ସର୍ବଦା ସତ୍ୟ କହିଥାଏ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କ ନିକଟରେ ସତ୍ୟବାଦୀ ରୂପେ ଉଲ୍ଲିଖିତ ହୋଇଥାଏ ଏବଂ ଯେଉଁ ବ୍ୟକ୍ତି ମିଥ୍ୟା (ମିଛ) କୁହେ ସେହି ବ୍ୟକ୍ତିକୁ ମିଥ୍ୟା ପାପ ଏବଂ ବ୍ୟଭିଚାର ଆଡ଼କୁ ନେଇଯାଇଥାଏ । ପରିଶେଷରେ ପାପ ଏବଂ ବ୍ୟଭିଚାର ବ୍ୟକ୍ତିକୁ ନର୍କଗାମୀ କରାଇଥାଏ । ସେହିପରି ଯେଉଁ ବ୍ୟକ୍ତି ସର୍ବଦା ମିଥ୍ୟା (ମିଛ) କଥା କହିଥାଏ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କ ନିକଟରେ ମିଥ୍ୟାବାଦୀ ଉଲ୍ଲିଖିତ ହୋଇଥାଏ ପାପ ଏବଂ ବ୍ୟଭିଚାର ନର୍କ ଆଡ଼କୁ ନେଇଯାଇଥାଏ । **(ବୁଖାରୀ କିତାବୁଲ୍ ଅଦବ୍, ବାବ୍- କୌଲଲ୍ଲାଃହି ଇଓକୁଲ୍ଲାଃ ୱ କୁନୁ ମାଆଦ୍ ସାଦିକିନା) (ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁଲ୍ ରହ୍‌ମାନ ସାହେବ, ହଦିସ୍ ନଂ-394)**

☆ عَنِ الۡحَسَنِ بۡنِ عَلِیٍّ رَضِیَ اللّٰہُ عَنۡہُمَا قَالَ حَفِظۡتُ مِنۡ رَسُوۡلِ اللّٰہِ صَلَّی اللّٰہُ عَلَیۡہِ وَسَلَّمَ، دَعۡ مَا یُرِیۡبُکَ اِلٰی مَا لَا یُرِیۡبُکَ، فَاِنَّ الصِّدۡقَ طُمَانِیۡنَۃٌ وَالۡکَذِبَ رِیۡبَۃٌ۔

ହ. ହସନ୍ ବିନ୍ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ଆଁହଜରତ ସ.ଅଙ୍କ ଏହି ଆଦେଶ ଭଲ ଭାବରେ ମନେଅଛି ଯେ, ଆଁହଜରତ ସ.ଅ କହିଥିଲେ: "ହେ ହସନ୍ ! ଯେଉଁ କଥା ତୁମକୁ ସନ୍ଦେହାଗ୍ରସ୍ତ (ସନ୍ଦେହରେ ପକାଇବ) କରିବ ତୁମେ ସେହି କଥାକୁ ପରିତ୍ୟାଗ କରିଦିଅ ଓ ସନ୍ଦେହକୁ ପରିତ୍ୟାଗ କରି ବିଶ୍ୱାସକୁ ଆପଣାଅ । କାରଣ ବିଶ୍ୱାସମୂଳକ ସତ୍ୟତା ଶାନ୍ତିର କାରଣ ହୋଇଥାଏ ଓ ମିଥ୍ୟା (ମିଛ) ଚିନ୍ତା ଓ ଅଧୈର୍ଯ୍ୟତାର କାରଣ ହୋଇଥାଏ । **(ବୁଖାରୀ କିତାବୁଲ୍ ବୁୟୁ, ବାବ୍- ତଫ୍‌ସିରୁ ଅଶ୍ ଶୁବହାତି, ତିର୍ମିଜି ଅବ୍‌ୱାବୁଲ୍ କିୟାମାହ୍) (ପ୍ରାମାଣ୍ୟ-ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁଲ୍ ରହ୍‌ମାନ ସାହେବ, ହଦିସ୍ ନଂ-697-698)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ମୁଁ ତୁମମାନଙ୍କୁ ଏହି ଆଶ୍ୱାସନା ଓ ବିଶ୍ୱାସ ପ୍ରଦାନ କରୁଛି ଯେ, ଶେଷରେ ସତ୍ୟର ହିଁ ଜୟ ହେବ ।

### ନିଃସନ୍ଦେହ ରୂପେ ଏକଥା ମନେରଖ ! ମିଥ୍ୟା ପରି ଅନ୍ୟ କୌଣସି ଅଶୁଭ ଓ କୁଲକ୍ଷଣ ବସ୍ତୁ (ଏହି ସଂସାରରେ) ନାହିଁ ।

ପବିତ୍ର କୁରଆନ୍ କରୀମ୍ ମିଥ୍ୟାକୁ ମଧ ଏକ ଅପବିତ୍ରତା ଓ ଅପରିଚ୍ଛନ୍ନତା ବୋଲି ବିବେଚିତ କରିଛି। ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: فَاجۡتَنِبُوا الرِّجۡسَ مِنَ الۡاَوۡثَانِ وَاجۡتَنِبُوۡا قَوۡلَ الزُّوۡرِ ଏଠାରେ ଅଲ୍ଲାଃତାଲା ମିଥ୍ୟାକୁ ପିତୁଳା ବିପରୀତରେ ରଖିଛନ୍ତି ଏବଂ ବାସ୍ତବରେ ମିଥ୍ୟା ମଧ ଏକ ପିତୁଳା ଅଟେ । ଅନ୍ୟଥା ବ୍ୟକ୍ତି ସତ୍ୟକୁ ଛାଡ଼ି ମିଥ୍ୟା ଆଡ଼କୁ କାହିଁକି ଯାଇଥାଏ । ଯେପରି ପିତୁଳା ତଳେ କୌଣସି ସତ୍ୟତା ନଥାଏ, ଠିକ୍ ସେହିପରି ମିଥ୍ୟା ତଳେ ମଧ କେବଳ ଚାଟୁକାରୀତା ଅନ୍ୟ କିଛି ବି ନଥାଏ । ମିଥ୍ୟା (ମିଛ) କହୁଥିବା ବ୍ୟକ୍ତି ଉପରେ ଲୋକମାନଙ୍କର ବିଶ୍ୱାସ ଏପର୍ଯ୍ୟନ୍ତ ହ୍ରାସ ପାଇଥାଏ ଯେ, ସେହି ମିଛ କହୁଥିବା ବ୍ୟକ୍ତି ଯଦି ସତ୍ୟ ମଧ କୁହେ ତେବେ ମଧ ଏହା ହିଁ ମନେକରା ଯାଇଥାଏ ଯେ, ସେହି ବ୍ୟକ୍ତିର କଥାରେ ମିଥ୍ୟା ତ' ନାହିଁ ? ଯଦି ମିଥ୍ୟା କହୁଥିବା ବ୍ୟକ୍ତିମାନେ ଚାହାନ୍ତି ଯେ, ସେମାନଙ୍କର ମିଥ୍ୟା କହିବା ଅଭ୍ୟାସ ହ୍ରାସ ପାଉ ତେବେ ସେମାନଙ୍କ ଠାରୁ ମିଥ୍ୟା ଏତେଶୀଘ୍ର ହ୍ରାସ ପାଇ ନଥାଏ । ଅର୍ଥାତ୍ ମିଛ କହୁଥିବା ବ୍ୟକ୍ତିମାନେ ଏତେ ଶୀଘ୍ର ମିଛ କହିବା ବନ୍ଦ କରନ୍ତି ନାହିଁ। ସେମାନେ ବହୁଦିନ ପର୍ଯ୍ୟନ୍ତ ଚେଷ୍ଟା ଏବଂ ଅଭ୍ୟାସ କରିବା ଦ୍ୱାରା ସତ୍ୟ କହିବାର ଅଭ୍ୟାସ ସେମାନଙ୍କର ପଡ଼ିଥାଏ । **(ଅଲ ହକମ୍, ଗ୍ରନ୍ଥଖଣ୍ଡ-6, ସଂଖ୍ୟା-31, 1902 ମସିହା ଅଗଷ୍ଟ ମାସ 31 ତାରିଖ, ପୃ-2)**

ହୁଜୁର ଅ.ସ କହିଲେ, ମୁଁ ତୁମମାନଙ୍କୁ ଏହି ଆଶ୍ୱାସନା ଓ ବିଶ୍ୱାସ ପ୍ରଦାନ କରୁଛି ଯେ, ଶେଷରେ ସତ୍ୟର ହିଁ ଜୟ ହେବ । ନିଃସନ୍ଦେହ ରୂପେ ଏକଥା ମନେରଖ ! ମିଥ୍ୟା ପରି ଅନ୍ୟ କୌଣସି ଅଶୁଭ ଓ କୁଲକ୍ଷଣ ବସ୍ତୁ (ଏହି ସଂସାରରେ) ନାହିଁ । ସାଧାରଣତଃ ସାଂସାରିକ ବ୍ୟକ୍ତିମାନେ ଏକଥା କୁହନ୍ତି ଯେ, ଯେଉଁ ବ୍ୟକ୍ତିମାନେ ସତ୍ୟ କୁହନ୍ତି ସେହିମାନେ ହିଁ ଗିରଫ ହୁଅନ୍ତି । ଅର୍ଥାତ୍ ସେହିମାନେ ହିଁ ଈଶ୍ୱରଙ୍କ ପରୀକ୍ଷାର ସମ୍ମୁଖୀନ ହୁଅନ୍ତି। କିନ୍ତୁ ମୁଁ ଉକ୍ତ କଥାକୁ କାହିଁକି ବିଶ୍ୱାସ କରିବି ? ମୋ ଉପରେ 7ଟି ମକଦ୍ଦମା ଦାଏର୍ ହୋଇଛି ଏବଂ ଈଶ୍ୱରଙ୍କ କୃପାରୁ କୌଣସି ଗୋଟିଏ ମକଦ୍ଦମାରେ ବି ମୋତେ ମିଥ୍ୟା (ମିଛ) ଶବ୍ଦ ଲେଖିବା ଓ ପ୍ରୟୋଗ କରିବାର ଆବଶ୍ୟକତା ପଡ଼ିଲା ନାହିଁ । ତେଣୁ ମୋତେ କେହି ଏକଥା କହୁ କି କୌଣସି ଗୋଟିଏ ମକଦ୍ଦମାରେ ଈଶ୍ୱର ମୋତେ ପରାଜୟ ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା ତ' ସତ୍ୟର ସମର୍ଥକ ଏବଂ ସହାୟକ ଅଟନ୍ତି । ତେବେ କ'ଣ ଏହା ସମ୍ଭବ ହୋଇପାରିବ ଯେ, ଈଶ୍ୱର ସତ୍ୟବାଦୀ ବ୍ୟକ୍ତିକୁ ଦଣ୍ଡିତ କରିବେ । ଯଦି ଏପରେ ହୁଅନ୍ତା ତେବେ ସଂସାରରେ କୌଣସି ବ୍ୟକ୍ତି ସତ କହିବା ପାଇଁ ସାହସ କରିପାରିବ ନାହିଁ । ସତ କହିବା ଦ୍ୱାରା ଯଦି ବ୍ୟକ୍ତି ଦଣ୍ଡିତ ହୁଏ ତେବେ କୌଣସି ବ୍ୟକ୍ତି ସତ୍ୟ କହିବାକୁ ସାହସ କରିବ ନାହିଁ, ସତ୍ୟ କହିବା ଦ୍ୱାରା ବ୍ୟକ୍ତି ଯଦି ଦଣ୍ଡିତ ହୁଏ ତେବେ ଈଶ୍ୱରଙ୍କ ଉପରେ ମନୁଷ୍ୟ (ସତ୍ୟବାଦୀ ବ୍ୟକ୍ତିର)ର ବିଶ୍ୱାସ ଉଠିଯିବ ଓ ସତ୍ୟବାଦୀ ବ୍ୟକ୍ତିମାନେ ଜୀବିତ ହିଁ ମୃତ୍ୟୁବରଣ କରିବେ । ପ୍ରକୃତ ପ୍ରସଙ୍ଗ ଏହିକି ଯେ, ସତ୍ୟ କହିବା ଦ୍ୱାରା ଯେଉଁ ବ୍ୟକ୍ତି ଶାସ୍ତି ପାଆନ୍ତି ତେବେ ସେମାନେ ସତ୍ୟ କହିବା ଦ୍ୱାରା ଶାସ୍ତି ପାଆନ୍ତି ନାହିଁ । ସେମାନେ ଯେଉଁ ଶାସ୍ତି ଓ ଦଣ୍ଡ ପାଆନ୍ତି ତାହା ସେମାନଙ୍କର ଲୁକ୍କାୟିତ ପାପ ଏବଂ ଅପରାଧ ଯୋଗୁଁ ହିଁ ପାଆନ୍ତି । ସେମାନଙ୍କର ଏହି ଶାସ୍ତି ଅନ୍ୟ କୌଣସି ଉପଦ୍ରବ ଦ୍ୱାରା ସେମାନଙ୍କୁ ମିଳିଥାଏ । ଈଶ୍ୱରଙ୍କ ନିକଟରେ ତ' ସେହିସବୁ ପାପ ବା ଅପକର୍ମ ଓ ଉପଦ୍ରବର ଏକ ପରମ୍ପରା ହୋଇଥାଏ । ଲୋକମାନଙ୍କ ଦ୍ୱାରା ଅନେକ ଦୋଷ ଏବଂ ପାପକର୍ମ ହୋଇଥାଏ । କୌଣସି ନା କୌଣସି ପାପ କର୍ମ ଯୋଗୁଁ ସେମାନେ ଶାସ୍ତି ପାଇ ଥାଆନ୍ତି ଓ ଈଶ୍ୱରଙ୍କ ଦ୍ୱାରା ଦଣ୍ଡିତ ହୁଅନ୍ତି । **(ଅଲ ହକମ୍, ଗ୍ରନ୍ଥଖଣ୍ଡ-10, ସଂଖ୍ୟା-10, 1906 ମସିହା ମେ ମାସ 17 ତାରିଖ, ପୃ- 4-5)**

☆--☆--☆

**ତଫସିର୍ କବିରରୁ ଉପସ୍ଥାପିତ ଆଲେଖ୍ୟ**

## ଏକେଶ୍ୱରବାଦ ପରେ ସର୍ବବୃହତ୍ ପୁଣ୍ୟ ହେଲା ସତ୍ୟତା । ଏହା ହିଁ ମାନବିକ ଚରିତ୍ରର ଏକ ମୌଳିକ ଅଙ୍ଗ ଅଟେ । ମିଥ୍ୟା ସ୍ୱଭାବ ବିରୁଦ୍ଧୀୟ ଅଟେ ।

(ଲେଖକ-ହ. ମିର୍ଜା ବଶୀରୁଦ୍ଦୀନ ମହମୁଦ୍ ଅହମଦ, ଖଲିଫତୁଲ୍ ମସିହ୍ ସାନି ଅଲ୍ ମୁସ୍‌ଲେହ୍ ମଉଦ୍ ର.ଅ)

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ଫୁର୍କାନର ଆୟତ୍ ସଂଖ୍ୟା 73 73 وَالَّذِيْنَ لَا يَشْهَدُوْنَ الزُّوْرَ وَإِذَا مَرُّوْا بِاللَّغْوِ مَرُّوْا كِرَامًا ର ବ୍ୟାଖ୍ୟା କରି କୁହନ୍ତି: ସତ୍ୟତା ଏହିକି ଯେ, ଏକେଶ୍ୱରବାଦ ପରେ ସର୍ବବୃହତ୍ ପୁଣ୍ୟ ହେଲା ସତ୍ୟତା ଏବଂ ସବୁଠୁ କଷ୍ଟକର କାର୍ଯ୍ୟ ଯାହାକି ଏହି ସଂସାରରେ ମନୁଷ୍ୟ ସମ୍ମୁଖୀନ ହୋଇଥାଏ ତାହା ହେଲା ସତ୍ୟତା । ଏପରି ସହସ୍ର ସହସ୍ର ଲୋକମାନେ ଦେଖିବାକୁ ମିଳନ୍ତି ଯେଉଁମାନେ ଦୟା ପ୍ରଦର୍ଶନକାରୀ ମଧ୍ୟ ଅଟନ୍ତି, ନ୍ୟାୟ ପ୍ରଦର୍ଶନକାରୀ ମଧ୍ୟ ଅଟନ୍ତି । କିନ୍ତୁ ଯେତେବେଳେ ସେମାନଙ୍କୁ ନିଜ ଅସ୍ତିତ୍ୱ, ନିଜର କୌଣସି ସଂପର୍କୀୟ ତଥା ଆତ୍ମୀୟ ସ୍ୱଜନ, ନିଜର ସାଙ୍ଗ ସାଥିଙ୍କ ବିପକ୍ଷରେ ସାକ୍ଷ୍ୟ ପ୍ରଦାନ କରିବା ଦ୍ୱାରା ସେମାନଙ୍କର କ୍ଷତି ଓ ଅନିଷ୍ଟ ଘଟିବ ତେବେ ସେପରିପ୍ରେକ୍ଷୀରେ ସେମାନେ କିଛି ନା କିଛି ଅବଶ୍ୟ ପରିବର୍ତ୍ତନ କରିବେ । ରୋଗ ଏପରି ବ୍ୟାପୀ ଯାଇଛି ଯେ, ଆମ ଦେଶରେ ଲୋକମାନେ ଅତ୍ୟନ୍ତ ସାହସିକତାର ସହିତ ରାଣ ଖାଇ ମିଥ୍ୟା କୁହନ୍ତି ଏବଂ ତତ୍‌ସହିତ ଉକ୍ତ କଥା ଉପରେ ରୁଷ୍ଟ ମଧ୍ୟ ହୁଅନ୍ତି ଯେ, ସେମାନଙ୍କର ମିଥ୍ୟାକୁ ସତ୍ୟ ବୋଲି ସ୍ୱୀକାର କରାଯାଉ ନାହିଁ କାହିଁକି ।

ଅତଏବ୍ ସତ୍ୟ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ସମସ୍ତ ଅବତାରମାନେ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ଏହା ମାନବିକ ଚରିତ୍ରର ଏକ ଅଭିନ୍ନ ଓ ମୌଳିକ ଅଙ୍ଗ ଅଟେ । କିନ୍ତୁ ଆଜିକାଲି ରାଜନୈତିକ ଏବଂ ଜାତୀୟ ସ୍ୱାର୍ଥ ସକାଶେ ଅସତ୍ୟ (ମିଥ୍ୟା ବା ମିଛ)କୁ ମିଛ ବୋଲି ମନେକରାଯାଉ ନାହିଁ ବରଂ ମିଛକୁ ଏକ ଅବଶ୍ୟକୀୟ ପ୍ରସଙ୍ଗ ଓ ଆବଶ୍ୟକୀୟ ବସ୍ତୁ ରୂପେ ବିବେଚନା କରାଯାଉଛି । କିନ୍ତୁ ପ୍ରକୃତ ଅର୍ଥରେ କହିବାକୁ ଗଲେ ମିଥ୍ୟା ସ୍ୱଭାବ ବିରୁଦ୍ଧୀୟ ଅଟେ । ଅର୍ଥାତ୍ ଜଣେ ବ୍ୟକ୍ତି ପ୍ରକାଶ୍ୟରେ ତ' ମିଛ କହିଦେଲା । କିନ୍ତୁ ତା'ର ଆଭ୍ୟନ୍ତରରେ ସେ ଏଥି ନିମନ୍ତେ ଅନୁତପ୍ତ ଓ ଅନୁଶୋଚନା ପ୍ରକାଶ କରିଥାଏ। ମିଥ୍ୟା କହିଲେ ଏହା ବୁଝାଏ ଯେ, କାନ ଯାହା କିଛି ଶୁଣିଲା ତତ୍‌ସଂପର୍କରେ ଏହା କହିଦିଆଯାଉ କି ମୁଁ ଶୁଣି ନାହିଁ । ଚକ୍ଷୁ ଯାହା କିଛି ଦେଖିଛି ତାହା ସଂପର୍କରେ ଏହା କହିଦିଆଯିବ ଯେ, ମୁଁ ଦେଖି ନାହିଁ । ମନେକରେ ହାତ ଗୋଟିଏ ଜିନିଷ କୌଣସି ସ୍ଥାନରୁ ଉଠାଇଛି (ନେଇଛି)। କିନ୍ତୁ ବ୍ୟକ୍ତି ଏହା କହିବ କି ମୋ ହାତ ତ' ଅମକ ବସ୍ତୁ ଉଠାଇ (ନେଇ) ନାହିଁ । ଜଣେ ବ୍ୟକ୍ତିର ଗୋଟି ପାଦ ଏକ ଦିଗକୁ ଅଗ୍ରସର ହେଲା । କିନ୍ତୁ ସେହି ବ୍ୟକ୍ତି ଏହା କହିବ ଯେ, ମୋ ପାଦ ତ' ସେହି ଆଡ଼କୁ ଯାଇ ନାହିଁ (ଅର୍ଥାତ୍ ମୁଁ ଅମକ ସ୍ଥାନକୁ ଯାଇ ନାହିଁ)। ତେବେ ମନୁଷ୍ୟ ପରର ନୁହେଁ ବରଂ ନିଜକୁ ନିଜେ ପ୍ରତ୍ୟାଖ୍ୟାନ କରିଥାଏ । ଏହାଠୁ ବି ଅଧିକ ସ୍ୱଭାବ ବିରୁଦ୍ଧୀୟ ଆଉ କେଉଁ ପ୍ରସଙ୍ଗ ହୋଇ ପାରିବ ? ଯେଉଁ ପ୍ରସଙ୍ଗରେ କଳ୍ପାନ ଜଳ୍ପନା ଥାଏ ସେହି ପ୍ରସଙ୍ଗ ସଂପର୍କରେ ସନ୍ଦେହ ସୃଷ୍ଟି ହୋଇଥାଏ । ପଞ୍ଚ ଇନ୍ଦ୍ରୀୟର କୃତ୍ୟ ଉପରେ ସନ୍ଦେହ କରାଯାଇ ପାରିବ ନାହିଁ । ପଞ୍ଚ ଇନ୍ଦ୍ରୀୟର କୃତ୍ୟ ବିରୁଦ୍ଧୀୟ କଥାକୁ ମିଛ ବୋଲି କୁହାଯାଏ । ସୁତରାଂ ଯେଉଁ ବ୍ୟକ୍ତି ପଞ୍ଚ ଇନ୍ଦ୍ରୀୟର ପ୍ରତ୍ୟାଖ୍ୟାନ କରିଥାଏ ତେବେ ସେହି ବ୍ୟକ୍ତି ନିଜର ତୁଣ୍ଡ, ହସ୍ତ, ପାଦ, ନାସା (ନାକ), କର୍ଣ୍ଣର ହିଁ ପ୍ରତ୍ୟାଖ୍ୟାନ କରିଥାଏ ।

ପୁନଶ୍ଚ ବ୍ୟକ୍ତି ଯେତେବେଳେ ନିଜ ବିରୁଦ୍ଧରେ ମିଛ ସାକ୍ଷ୍ୟ ପ୍ରଦାନ କରିଥାଏ ସେତେବେଳେ ସେ ଅଧିକ ଆନନ୍ଦିତ ହୋଇଥାଏ । ଯେତେବେ ଜଣେ ବ୍ୟକ୍ତି ଗୋଟିଏ ଜିନିଷକୁ ନିଜ ହାତରେ ଧରି ଅପର ମୁହୂର୍ତ୍ତରେ ଏହା କହେ କି ମୁଁ ଅମକ ଜିନିଷ ଧରି ନାହିଁ ସେତେବେଳେ ଏହାର ଅର୍ଥ ଏହା ହୁଏ ଯେ, ବ୍ୟକ୍ତି ନିଜର ହାତକୁ କହେ କି ତୁମେ ଅମକ ଜିନିଷ ଧରି ନାହଁ । ଗୋଟିଏ ବସ୍ତୁକୁ ବ୍ୟକ୍ତିର ତୁଣ୍ଡ ଆସ୍ୱାଦନ କରିଥାଏ (ଚାଖିଥାଏ) କିନ୍ତୁ ସେ ଏହା କହେ କି ମୁଁ ଅମକ ବସ୍ତୁ ଚାଖି ନାହିଁ । ତେବେ ଏହାର ଅର୍ଥ ଏହା ହୁଏ ଯେ, ସେ ନିଜ ତୁଣ୍ଡକୁ (ପାଟିକୁ) ଏହା କହିଥାଏ ଯେ, ହେ ତୁଣ୍ଡ (ପାଟି) ! ତୁ ତ' ଅମକ ବସ୍ତୁ ଚାଖି ନାହୁଁ ତ' ? ଅବା ସେହି ବ୍ୟକ୍ତିର କାନ ଗୋଟିଏ କଥା ଶୁଣିଲା ଏବଂ ସେ କହେ କି ମୁଁ କିଛି ଶୁଣି ନାହିଁ । ତେଣୁ ଏହାର ଅର୍ଥ ଏହା ହେଲା ଯେ, ବ୍ୟକ୍ତି ନିଜ କାନକୁ କହେ କି ହେ କାନ! ତୁ ତ' ଅମକ କଥା ଶୁଣା ନାହୁଁ । ବର୍ତ୍ତମାନ ଏହା କେତେ ହାସ୍ୟାସ୍ପଦ ଓ ଅଦ୍ଭୁତ କଥା ଅଟେ ? କିନ୍ତୁ ଲୋକମାନେ ଏଥିପ୍ରତି ଭୃକ୍ଷେପ କରନ୍ତି **(ଅବଶିଷ୍ଟାଂଶ.....ପୃ-11ରେ)**

## ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତେ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତେ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ** । **(ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

**ଆଁହଜରତ ସ.ଅ ହ. ଅବୁ ବକ୍କର୍ ର.ଅଙ୍କୁ ପଚାରିଲେ, ହେ ଅବୁ ବକ୍କର୍ ! ଆପଣ ନିଜ ଘର ଲୋକଙ୍କ ପାଇଁ କିଛି ଛାଡ଼ିଛନ୍ତି ଅବା ନୁହେଁ ? ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଘରେ କେବଳ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମ ଛାଡ଼ି ଦେଇ ଆସିଛି ।**

**ତୁବୁକ୍ ଅଭିଯାନ ନିମନ୍ତେ ଆପଣ ସ.ଅ ଅଭାବ ଅନଟନ ସତ୍ତ୍ୱେ ଏହି ନିଷ୍ପତ୍ତି ନେଲେ ଯେ, ରୋମୀୟମାନଙ୍କୁ ପଳାଇଯିବାର ସମୟ ନଦେଇ ସ୍ୱୟଂ ସେମାନଙ୍କ ଅଞ୍ଚଳରେ ଯାଇ ସେମାନଙ୍କ ବିରୁଦ୍ଧରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଲଢାଯାଉ ।**

**ନବୀ କରୀମ୍ ସ.ଅ ପ୍ରାୟତଃ ଯୁଦ୍ଧ ଅଭିଯାନକୁ କୌଣସି ମତେ ଗୁପ୍ତ ରଖୁଥିଲେ । କିନ୍ତୁ ଖୈବର ଅଭିଯାନ ପରେ ତୁବୁକ୍ ଅଭିଯାନ ଏପରି ଥିଲା ଯେ, ଆପଣ ସ.ଅ ସର୍ବସାଧାରଣରେ ଏହାର ଘୋଷଣା କରିଥିଲେ ।**

**ଇତ୍ୟବସରରେ ହ. ଉସ୍‌ମାନ୍ ର.ଅ ଦଶ ହଜାର ଦିନାର ଅର୍ଥ ଆଁହଜରତ୍ ସ.ଅଙ୍କୁ ପ୍ରଦାନ କଲେ । ଅତଏବ୍ ଆପଣ ସ.ଅ ଉସ୍‌ମାନ୍ ର.ଅଙ୍କ ନିମନ୍ତେ ଏହି ଦୁଆ କଲେ ଯେ, غَفَرَ اللّٰہُ لَکَ یَا عُثْمَانُ مَا اَسْرَرْتَ وَمَا اَعْلَنْتَ وَمَا ھُوَ کَائِنٌ اِلٰی یَوْمِ الْقِیَامَۃِ مَا یُبَالِیْ مَا عَمِلَ بَعْدَھَا
ଅର୍ଥାତ୍ ହେ ଉସମାନ୍ ! ତୁମ୍ଭେ ଗୋପନ ରୂପେ ଯେଉଁ ସାହାଯ୍ୟ କରିଅଛ ସେଥି ନିମନ୍ତେ ଅଲ୍ଲାଃତାଲା ତୁମ୍ଭ ପ୍ରତି ଦୟାମୂଳକ ଆଚରଣ ପ୍ରଦର୍ଶନ କରନ୍ତୁ। ଆମିନ୍ । ସେହିପରି ତୁମ୍ଭେ ଯେଉଁ ପ୍ରକାଶ୍ୟ ଦାନ କରିଛ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବ । ତତ୍ପରେ ତୁମେ ଯେଉଁ କର୍ମକୃତ୍ୟ କରିବେ ସେଥିପ୍ରତି ଚିନ୍ତିତ ହେବ ନାହିଁ ।**

**ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏହା ଅଲ୍ଲାଃତାଲାଙ୍କ ଅଶେଷ କୃପା କି ଜମାଅତ୍ ଅହମଦିୟାର ଲୋକମାନେ ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତି ଯେ, ଆର୍ଥିକ ବଳିଦାନର କେଉଁ ମହତ୍ତ୍ୱ ରହିଛି.........?**

**ଧନୀକ ବ୍ୟକ୍ତିମାନଙ୍କୁ, ସାମର୍ଥ୍ୟବାନ୍ ଲୋକମାନଙ୍କୁ ମଧ୍ୟ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ ଓ ହ. ଉସମାନ୍ ର.ଅଙ୍କ ଆଦର୍ଶକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ପୁନଶ୍ଚ ଆପଣମାନେ ନିଜର ବଳିଦାନର ସ୍ତରକୁ ମଧ୍ୟ ବୃଦ୍ଧି କରନ୍ତୁ ।**

**ତୁବୁକ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।**

**ରବ୍‌ୱା ସ୍ଥିତ ମସଜିଦେ ମେହ୍‌ଦୀ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଯୋଗୁଁ ଆହତମାନଙ୍କ ନିମନ୍ତେ ଦୁଆ କରିବାକୁ ଆହ୍ୱାନ । ଅଲ୍ଲାଃତାଲା ସେହି ସମସ୍ତ ଆହତମାନଙ୍କୁ ଯଥାଶୀଘ୍ର ସଂପୂର୍ଣ୍ଣ ଆରୋଗ୍ୟ ଲାଭ ପ୍ରଦାନ କରନ୍ତୁ ଏବଂ ଭବିଷ୍ୟତରେ ପ୍ରତ୍ୟେକ ପ୍ରକରର କ୍ଷୟକ୍ଷତିରୁ ପ୍ରତ୍ୟେକ ସ୍ଥାନରେ ଜମାଅତ୍ ଅହମଦିୟାର ସଦସ୍ୟମାନଙ୍କୁ ସୁରକ୍ଷିତ ରଖନ୍ତୁ । ଆମିନ୍ ।**

**ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ମାର୍ଶଲ୍ ଆଇଲ୍ୟାଣ୍ଡର ଅଲୀ ନିନା ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।**

**17 October 2025 ମସିହା ଅନୁଯାୟୀ ୧୭ ଇଖା ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْھَدُ أَنْ لَّا إِلٰهَ اِلَّا اللّٰہُ وَحْدَہٗ لَا شَرِيكَ لَہٗ وَأَشْھَدُ أَنَّ مُحَمَّدًا عَبْدُہٗ و رَسُوْلُہٗ۔ أَمَّا بَعْدُ فَأَعُوْذُ بِاللّٰہِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰہِ الرَّحْمٰنِ الرَّحِیْمِ۔ اَلْحَمْدُ لِلّٰہِ رَبِّ الْعَالَمِیْنَ۔ اَلرَّحْمٰنِ الرَّحِیْمِ ۔ مٰلِكِ یَوْمِ الدِّیْنِ ۔اِیَّا كَ نَعْبُدُ وَ اِیَّاكَ نَسْتَعِیْنُ۔ اِھْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْھِمْ۔غَيْرِالْمَغْضُوْبِ عَلَيْھِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଯେପରିକି ମୁଁ ବିଗତ ଖୁତ୍‌ବାରେ ତୁବୁକ୍ ଯୁଦ୍ଧ ସଂପର୍କରେ ସଂକ୍ଷିପ୍ତ ଚର୍ଚ୍ଚା କରିଥିଲି ଏହାର ଅତିରିକ୍ତ ଚର୍ଚ୍ଚା ମୁଁ ଆଜି ମଧ୍ୟ ବର୍ଣ୍ଣନା କରିବି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଯୁଦ୍ଧ ଅର୍ଥାତ୍ ତୁବୁକ୍ ଯୁଦ୍ଧର ପୃଷ୍ଠଭୂମି ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ଯେତେବେଳେ ରସୁଲ୍ କରୀମ୍ ସ.ଅ ମକ୍କା ବିଜୟ କଲେ ସେତେବେଳେ ଅବୁ ଆମିର୍ ମଦନୀ ଯେକି ଖଜ୍‌ରଜ୍ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲା, ଇହୁଦୀ ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କ ମିଳାମିଶା ଓ ସାକ୍ଷାତ୍ କରିବା ଯୋଗୁଁ ସେ ଉପଦେଶ ଏବଂ ମନ୍ତ୍ର ଜପ କରିବାର ଅଭ୍ୟାସୀ ଥିଲା । ଏହି କାରଣରୁ ଲୋକମାନେ ତାକୁ ଜ୍ୟୋତିଷ୍କ ବୋଲି କହୁଥିଲେ । କିନ୍ତୁ ପ୍ରକୃତରେ ସେ ଖ୍ରୀଷ୍ଟ ଧର୍ମାବଲମ୍ବୀ ନଥିଲା । ଏହି ବ୍ୟକ୍ତି ଜଣକ ରସୁଲୁଲ୍ଲାଃ ସ.ଅଙ୍କ ମଦିନା ଠାରେ ପହଞ୍ଚିଯିବା ପରେ ମକ୍କା ଅଭିମୁଖେ ପଳାୟନ କରିଥିଲା । ଯେତେବେଳେ ମକ୍କା ଜୟ ହୋଇଗଲା ସେତେବେଳେ ଅବୁ ଆମିର୍ ଏହା ଭାବିବାକୁ ଲାଗିଲା ଯେ, ବର୍ତ୍ତମାନ ମୋତେ ଇସ୍‌ଲାମ୍ ଧର୍ମରେ ଉପଦ୍ରବ, ହିଂସା ସୃଷ୍ଟି କରିବା ନିମନ୍ତେ ଅନ୍ୟ କୌଣସି ଉପାୟ ବିଷୟରେ ଚିନ୍ତା କରିବାକୁ ପଡ଼ିବ । ପରିଶେଷରେ ସେ ନିଜର ନାମ ଏବଂ ନିଜର ଆଚରଣ ପରିବର୍ତ୍ତନ କରି ମଦିନା ନିକଟବର୍ତ୍ତୀ କୁବା ନାମକ ଏକ ଗ୍ରାମରେ ଯାଇ ରହିବାକୁ ଲାଗିଲା । ଅନେକ ବର୍ଷ ପର୍ଯ୍ୟନ୍ତେ ବାହାରେ ରହିବା ଯୋଗୁଁ ଏବଂ କିଛି ଚେହେରା ଓ ବସ୍ତ୍ରରେ (ବେଶ ପୋଷାକ)ରେ ସାମାନ୍ୟ ପରିବର୍ତ୍ତନ କରିନେବା ଯୋଗୁଁ ମଦିନାର ଲୋକମାନେ ଅବୁ ଆମିରକୁ ସହଜରେ ଚିହ୍ନି ପାରିଲେ ନାହିଁ । ତାକୁ କେବଳ ସେହି କପଟବିଶ୍ୱାସୀମାନେ ହିଁ ଚିହ୍ନିଥିଲେ ଯେଉଁମାନଙ୍କ ସହିତ ଅବୁ ଆମିର୍ ନିଜର ସଂପର୍କ ସ୍ଥାପନ କରି ନେଇଥିଲା । ଅବୁ ଆମିର୍ ମଦିନାର କପଟବିଶ୍ୱାସୀମାନଙ୍କ ସହିତ ମିଶି ଏହି ପ୍ରସ୍ତାବ ଦେଲା ଯେ, ଏପଟେ ସିରୀୟାକୁ ଯାଇ ମୁଁ ଖ୍ରୀଷ୍ଟିଆନ୍ ଶାସକ ଓ ଆରବ୍ୟ ଖ୍ରୀଷ୍ଟିୟାନମାନଙ୍କୁ ଉସ୍‌କାଇଦେବି ଏବଂ ସେମାନଙ୍କୁ ମଦିନାରେ ଆକ୍ରମଣ କରିବାର ଆହ୍ୱାନ ଜଣାଉଛି । ସେପଟେ ତୁମେମାନେ (କପଟବିଶ୍ୱାସୀମାନେ) ଏହା ପ୍ରଚାର କରିଦେବା ଆରମ୍ଭ କରିଦିଅ ଯେ, ସୈନ୍ୟବାହିନୀମାନେ ମଦିନା ଉପରେ ଆକ୍ରମଣ କରୁଛି । ମଦିନାରେ ଯେଉଁ କପଟବିଶ୍ୱାସୀମାନେ ରହିଛନ୍ତି ସେମାନେ ଏହି ଖବରକୁ ପ୍ରଚାର କରିଦେଲେ । ତେଣୁ ଅବୁ ଆମିର୍ ମନରେ ଏହା ଭାବିଲା ଯେ, ଯେ, ଯଦି ମୋର ଯୋଜନା ସଫଳ ହୋଇଗଲା ତେବେ ଉଭୟ ସୈନ୍ୟବାହିନୀମାନେ ମୁହାଁମୁହିଁ ହେବେ । ପରସ୍ପର ମଧ୍ୟରେ ଯୁଦ୍ଧ ହୋଇଯିବ ଏବଂ ଯଦି ମୋର ଯୋଜନା ସଫଳ ନହେଲା ତେବେ ସେହି ଗୁଜବ (ଉଡ଼ାଖବର) ଯୋଗୁଁ ସମ୍ଭବତଃ ମୁସଲମାନମାନେ ସ୍ୱୟଂ ସିରୀୟା ଯାଇ ନିଜେ ଆକ୍ରମଣ କରିଦେବେ ଏବଂ ଏହିପରି ଭାବରେ କୈସର୍‌ର ସମ୍ରାଟ୍ ଏବଂ ମୁସଲମାନମାନଙ୍କ ମଧ୍ୟରୁ ଯୁଦ୍ଧ ଆରମ୍ଭ ହୋଇଯିବ ଓ ମୋର ଯୋଜନା ସଫଳ ହୋଇଯିବ । ସେହି ଉପ୍ରଦ୍ରବାକାରୀ (ଅବୁ ଆମିର୍) ଏହା କହିଲା, ଉଭୟ ପରିସ୍ଥିତରେ ଆମମାନଙ୍କୁ (ଅବୁ ଆମିର୍ ଓ କପଟବିଶ୍ୱାସୀମାନଙ୍କୁ) ହିଁ ଲାଭ ହେବ । ସୁତରାଂ ଏହି ଆହ୍ୱାନ ଦେଇ ସେ ସିରୀୟା ଅଭିମୁଖେ ଗଲା ଏବଂ ମଦିନାର କବଟବିଶ୍ୱାସୀମାନେ ପ୍ରତ୍ୟେକ ଦିନ ମଦିନାରେ ଏହି ଗୁଜବ ତଥା ଖବର ପ୍ରଚାରିତ କରିବା ଆରମ୍ଭ କରିଦେଲେ ଯେ, ଅମକ ଯାତ୍ରୀ ସମୂହ ଆମକୁ ମିଳିଥିଲା ଏବଂ ସେହି

ଯାତ୍ରୀସମୂହ ଆମମାନଙ୍କୁ ଏହା କହୁଥିଲା ଯେ, ସିରୀୟାର ସୈନ୍ୟବାହିନୀ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରସ୍ତୁତି ଚଳାଇଛି । କପଟବିଶ୍ୱାସୀମାନେ ପୁନଶ୍ଚ ପରବର୍ତ୍ତୀ ଦିନ ଏହା କହି ଦେଉଥିଲେ ଯେ, ଅମକ ଯାତ୍ରୀସମୂହର ଲୋକମାନଙ୍କ ସହିତ ଆମର ଭେଟ ହୋଇଥିଲା ଏବଂ ସେମାନେ କହୁଥିଲେ ଯେ, ମଦିନା ଉପରେ ସିରୀୟାର ସୈନ୍ୟବାହିନୀ ଚଢଉ (ଆକ୍ରମଣ) କରିବାକୁ ଯାଉଛି । ଉକ୍ତ ଖବରଟି ଏତେ ଦ୍ରୁତ ଗତିରେ ବ୍ୟାପିବାକୁ ଲାଗିଲା ଯେ, ରସୁଲୁଲ୍ଲାଃ ସ.ଅ ଏହା ଉଚିତ ବୋଲି ମନେକଲେ ଯେ, ଆପଣ ସ.ଅ ଇସ୍‌ଲାମୀୟ ସୈନ୍ୟବାହିନୀକୁ ଧରି ସ୍ୱୟଂ ସିରୀୟାର ସୈନ୍ୟବାହିନୀ ସହିତ ମୁକାବିଲା କରିବା ନିମନ୍ତେ ଯିବେ । ଉକ୍ତ ସମୟଟି ମୁସଲମାନମାନଙ୍କ ନିମନ୍ତେ ଅତ୍ୟନ୍ତ କଷ୍ଟକର ଥିଲା । ଦୁର୍ଭିକ୍ଷର ବର୍ଷ ଥିଲା । ବିଗତ ଋତୁରେ ଶସ୍ୟ ଏବଂ ଫଳମୂଳ ସ୍ୱଳ୍ପ ଉତ୍ପନ୍ନ ହୋଇଥିଲା ଏବଂ ସେହି ଋତୁରେ ଶସ୍ୟ ପଦାର୍ଥ ବର୍ତ୍ତମାନ ଉତ୍ପନ୍ନ ହୋଇ ନଥିଲା । ଫସଲ ବର୍ତ୍ତମାନ କଟା ହୋଇ ନଥିଲା । ସେପ୍ଟେମ୍ବର ମାସର ଶେଷାର୍ଦ୍ଧ କିମ୍ବା ଅକ୍ଟୋବର ମାସର ପ୍ରାରମ୍ଭ ଥିଲା ଯେତେବେଳେ ଆପଣ ସ.ଅ ଏହି ଅଭିଯାନ ନିମନ୍ତେ ବାହାରିଥିଲେ । କପଟବିଶ୍ୱାସୀମାନେ ତ' ଏକଥା ଜାଣିଥିଲେ ଯେ, ଏହି ସମସ୍ତ କଥା ଉପଦ୍ରବ ଅଟେ । ସେହି କପଟବିଶ୍ୱାସୀମାନେ ଏହି ସମସ୍ତ ଯୋଜନା ଏଇଥି ପାଇଁ କରିଥିଲେ ଯେ, ଯଦି ସିରୀୟ ସୈନ୍ୟବାହିନୀମାନେ ଆକ୍ରମଣ ନକରନ୍ତି ତେବେ ମୁସଲମାନମାନେ ସ୍ୱୟଂ ସିରୀୟ ସୈନ୍ୟବାହିନୀ ସହିତ ଲଢିବେ ଏବଂ ଏହିପରି ଭାବରେ ସେମାନେ ସମାପ୍ତ ହୋଇଯିବେ । ମୁଉତା ଯୁଦ୍ଧର ପରିସ୍ଥିତି ସେମାନଙ୍କ ସମ୍ମୁଖରେ ରହିଥିଲା । ମୁସଲମାନମାନଙ୍କୁ ଯେତେବେଳେ ଏତେ ବିଶାଳ ସୈନ୍ୟବାହିନୀ ସହିତ ସମ୍ମୁଖୀନ ହେବାକୁ ପଡ଼ିଥିଲା ସେତେବେଳେ ସେମାନଙ୍କୁ ଅନେକ କିଛି କ୍ଷତି ସହ୍ୟ କରି ଅତି କଷ୍ଟରେ ସ୍ୱଳ୍ପ ସଂଖ୍ୟକ ଲୋକ ବଞ୍ଚିଥିଲେ । ବର୍ତ୍ତମାନ ସେମାନେ ଅନ୍ୟ ଏକ ମୁଉତା ଯୁଦ୍ଧ ନିଜ ଦୃଷ୍ଟି ସମ୍ମୁଖରେ ଦେଖିବାକୁ ଚାହୁଁଥିଲେ ଯେଉଁ ଯୁଦ୍ଧରେ ସ୍ୱୟଂ ରସୁଲୁଲ୍ଲାଃ ସ.ଅ ମଧ୍ୟ **ନାଉଜୁବିଲ୍ଲାଃ** (ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା କରୁଛୁ) ସେମାନଙ୍କ ଧାରଣାରେ ଶହୀଦ୍ ହୋଇ ଯାଆନ୍ତୁ । ତେଣୁ କପଟବିଶ୍ୱାସୀମାନେ ପ୍ରତ୍ୟେକ ଦିନ ଏହି ଖବର ପ୍ରଚାର କରୁଥିଲେ ଯେ, ଅମକ ମାଧ୍ୟମରେ ଆମମାନଙ୍କୁ ଜ୍ଞାତ ହୋଇଛି ଯେ, ଶତ୍ରୁ ଆକ୍ରମଣ କରିବାକୁ ଯାଉଛି, ଆମକ ବ୍ୟକ୍ତି ମାଧ୍ୟମରେ ଆମେ ଜାଣିବାକୁ ପାଇଛୁ ଯେ, ସିରୀୟ ସୈନ୍ୟବାହିନୀ ମାଡ଼ି ଆସୁଛନ୍ତି ଏବଂ ଅନ୍ୟ ପଟରେ ସେମାନେ ଲୋକମାନଙ୍କୁ ଡରାଉଥିଲେ ଯେ, ଏତେ ବିଶାଳ ସୈନ୍ୟବାହିନୀର ମୁକାବିଲା କରିବା ସମ୍ଭବପର ଓ ସହଜ କଥା ନୁହେଁ ତେଣୁ ତୁମମାନଙ୍କୁ ଯୁଦ୍ଧକୁ ନଯିବା ଉଚିତ୍ । ଏହିସବୁ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେମାନଙ୍କର ଅଭିପ୍ରାୟ ଏହା ଥିଲା ଯେ, ମୁସଲମାନମାନେ ସିରୀୟା ଉପରେ ଆକ୍ରମଣ କରିବା ନିମନ୍ତେ ଚାଲି ଯାଆନ୍ତୁ । କିନ୍ତୁ ଯଥା ସମ୍ଭବ ମୁସଲମାନମାନେ ସ୍ୱଳ୍ପ ସଂଖ୍ୟକ ଯାଆନ୍ତୁ । କାରଣ ସେମାନଙ୍କର ଅର୍ଥାତ୍ ମୁସଲମାନମାନଙ୍କର ପରାଜୟ ସୁନିଶ୍ଚିତ ହୋଇଯାଉ।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-20 ପୃ-359-360)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଆଁହଜରତ ସ.ଅଙ୍କୁ ଯେଉଁସବୁ ସୂଚନା ମିଳିଥିଲା ତାହାକୁ ଆଧାର କରି ଆପଣ ସ.ଅ ପରିସ୍ଥିତି ଏବଂ ଘଟଣାର ସମୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଆପଣ ସ.ଅ ଯଦି ରୋମୀୟ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବାକୁ ବିଳମ୍ବ କରନ୍ତି କିମ୍ବା ମୁସଲମାନମାନଙ୍କ ଅଧିକୃତ ଅଞ୍ଚଳରେ ପ୍ରବେଶ କରିବାକୁ ଶତ୍ରୁ ପକ୍ଷକୁ ଯଦି ସୁଯୋଗ ଦିଆଗଲା ତେବେ କ୍ଷତି ଅଧିକ ହେବ । ତେଣୁ ଆପଣ ସ.ଅ ଅଭାବ ଓ ଅନଟନ ହେବା ସତ୍ତ୍ୱେ ଏହି ନିଷ୍ପତ୍ତି ନେଲେ ଯେ, ରୋମୀୟମାନଙ୍କୁ ଆଗକୁ ଅଗ୍ରସର ହେବାକୁ ସୁଯୋଗ ପ୍ରଦାନ ନକରି ସ୍ୱୟଂ ସେମାନଙ୍କ ଅଞ୍ଚଳକୁ ଯାଇ ସେମାନଙ୍କ ବିରୁଦ୍ଧରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଲଢ଼ାଯାଉ । **(ଖାତମୁନ୍ ନବୀୟିନ୍ ସ.ଅ, ଲେଖକ-ମୁହମ୍ମଦ ଅବୁ ଜୁହରା, ଗ୍ରନ୍ଥଖଣ୍ଡ-3, ପୃ-951-952, ଦାରୁଲ୍ ଫିକ୍ରୁଲ୍ ଅରବି, 2012 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣାକୁ ଅନ୍ୟ ଏକ ସ୍ଥାନରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ରସୁଲୁଲ୍ଲାଃ ସ.ଅଙ୍କୁ ଯେତେବେଳେ ଏହି ଗୁଜବ ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ସ୍ୱୟଂ ଏହି ଆଦେଶ ଦେଲେ ଯେ, ରୋମୀୟ ସୈନ୍ୟବାହିନୀ ଆମମାନନଙ୍କ ଉପରେ ଆକ୍ରମଣ କରିବା ପରିବର୍ତ୍ତେ ଆମେମାନେ ସେମାନଙ୍କ ଉପରେ ଆକ୍ରମଣ କରିଦେବୁ । ଆମମାନଙ୍କ ଏପକ୍ଷେ ଏହା ଉଚିତ୍ ହେବ କି ଆମେମାନେ ସୀମାରେ ଯାଇ ସେମାନଙ୍କୁ ଅଟକାଇବୁ। ଆପଣ ସ.ଅ ମୁସଲମାନମାନଙ୍କୁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ ।" **(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-22, ପୃ-135, ଖୁତ୍‌ବା ଜୁମା 14 ମାର୍ଚ୍ଚ 1914 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ପ୍ରଥମ ଯେଉଁ ପ୍ରାମାଣ୍ୟ ଇତିହାସରୁ ପ୍ରଦାନ କରିଥିଲି ସେହି ଅଂଶଟି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କର ଅଟେ । ସେ ଯାହା ହେଉ ନବୀ କରୀମ୍ ସ.ଅ ପ୍ରାୟତଃ ଯୁଦ୍ଧାଭିଯାନକୁ ଗୁପ୍ତ ରଖୁଥିଲେ । କିନ୍ତୁ ଖୈବର୍ ଅଭିଯାନ ପରେ ଆପଣ ସ.ଅ ସର୍ବାସାଧାରଣରେ ଏହି ଘୋଷଣା କରାଇଥିଲେ ଓ ପଥର କ୍ଲିଷ୍ଟତା, ଶତ୍ରୁର ସଂଖ୍ୟା ଗରିଷ୍ଠତା ସଂପର୍କରେ ପୂର୍ବରୁ ସୂଚନା ପ୍ରଦାନ କରି ସାହାବାମାନଙ୍କୁ ଯୁଦ୍ଧରେ ଯିବା ନିମନ୍ତେ ପ୍ରସ୍ତୁତ ହେବା ନିମନ୍ତେ ଅନୁପ୍ରାଣିତ କଲେ । **(ସହି ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ମନ୍ ଅରାଦା ଗଜ୍‌ୱତା ଫୱରରା ବିଗୈରିହା, ହଦିସ୍ ନଂ-2948, ଅନୁବାଦକ, ଗ୍ରନ୍ଥଖଣ୍ଡ-5, ପୃ-303)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ବର୍ଣ୍ଣନାଟି ବୁଖାରୀରେ ବର୍ଣ୍ଣିତ ହୋଇଛି। ତତ୍‌ସହିତ ଆପଣ ସ.ଅ ମକ୍କା ଏବଂ ଅନ୍ୟାନ୍ୟ ଆରବ୍ୟ ସଂପ୍ରଦାୟ ଆଡ଼କୁ ଲୋକ ପଠାଇଲେ । କାରଣ ସେହି ଲୋକମାନେ ଇସ୍‌ଲାମୀୟ ସୈନ୍ୟବାହିନୀରେ ସାମିଲ୍ ହୁଅନ୍ତୁ । ଅନ୍ୟ ପଟରେ ବଦାନ୍ୟ ତଥା ପରୋପକାରୀ ବ୍ୟକ୍ତିମାନଙ୍କୁ ଆପଣ ସ.ଅ ତାଗିଦ୍ ମଧ୍ୟ କଲେ ଯେ, ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରନ୍ତୁ । **(ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-183, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରସୁଲୁଲ୍ଲାଃ ସ.ଅ ନାନା ସଂପ୍ରଦାୟକୁ ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ ସନ୍ଦେଶ ପ୍ରେରଣ କଲେ ଏବଂ ସେହି ସଂପ୍ରଦାୟ ଆଡ଼କୁ ଆପଣ ସ.ଅ ନିଜର ଦୂତ ପ୍ରେରଣ କଲେ । ସୁତରାଂ ହ. ବୁରୈଦା ବିନ୍ ହୁସୈବ୍‌ଙ୍କୁ ବନୁ ଅସ୍‌ଲମ୍ ସଂପ୍ରଦାୟ ଆଡ଼କୁ, ହ. ଅବୁ ରୁହମ୍ ଗିଫାରୀଙ୍କୁ ନିଜର ଜାତି ଗିଫାର୍ ଅଭିମୁଖେ (ଆଡ଼କୁ), ହ. ଅବୁ ୱାକ୍‌ଦି ଲୈସିଙ୍କୁ ନିଜର ସଂପ୍ରଦାୟ ଲୈସ୍ ଅଭିମୁଖେ, ହ. ଅବୁ ଯାଆଦ୍ ଜମ୍ରୀଙ୍କୁ ତାଙ୍କର ସଂପ୍ରଦାୟ ଆଡ଼କୁ, ହ. ରାଫେ ବିନ୍ ମକିସ୍‌ଙ୍କୁ ଜୁହେିନାହ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ସେହିପରି ଆଁହଜରତ ସ.ଅ ହ. ନୁଐମ ବିନ୍ ମସ୍‌ଉଦଙ୍କୁ ଅଶ୍‌ଜାଅ ଏବଂ ବୁଦୈଲ୍ ବିନ୍ ୱର୍କା ସଂପ୍ରଦାୟ ଅଭିମୁଖେ, ଅମ୍ର ବିନ୍ ସାଲିମ୍ ଓ ବୁସର୍ ବିନ୍ ସୁଫିୟାନ୍‌କୁ ବନୁ କାଆବ୍ ବିନ ଅମ୍ର ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ସେହିପରି ଅବ୍‌ବାସ୍ ବିନ୍ ମିର୍ଦାସଙ୍କୁ ବୁନ ଅସ୍‌ଲମ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । **(ଇମ୍‌ତାଅଲ୍ ଅସ୍‌ମା, ଗ୍ରନ୍ଥ ଖଣ୍ଡ-2, ପୃ-47, ତୁବୁକ୍ ଯୁଦ୍ଧ, ଅଲଖବ୍‌ରୁ ଅନିଲ୍ ଗୁରୁରିଲ୍ ବାଆସତା ଇଲଲ୍ କବାଇଲି, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1999 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-465, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମଦିନାରେ ସେତେବେଳେ ଅତ୍ୟନ୍ତ ଭୟଙ୍କର ଓ ନୈରାଶ୍ୟଜନକ ବାତାବରଣ ଥିଲା । ଏହାର କାରଣ ଏହିକି ଯେ, ଶକ୍ତିଶାଳୀ ଶତ୍ରୁ ଯେକୌଣସି ମୁହୂର୍ତ୍ତରେ ବି ଆକ୍ରମଣ କରିବାକୁ ସକ୍ଷମ ଥିଲା । ସୁତରାଂ ବୁଖାରୀର ଏକ ବର୍ଣ୍ଣନାନୁଯାୟୀ ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରୁଥିଲୁ କି ସେତିକିବେଳେ ଜଣେ ଗସ୍ସାନୀୟ ସମ୍ରାଟ ଆମମାନଙ୍କ ସହିତ ଯୁଦ୍ଧ ନିମନ୍ତେ ନିଜର ଅଶ୍ୱକୁ ନାଲ ମଧ୍ୟ ପିନ୍ଧାଇଲା । ଅର୍ଥାତ୍ ସଂପୂର୍ଣ୍ଣ ପ୍ରସ୍ତୁତି କରିନେଲା । ସେହିପରି ବୁଖାରୀର ହିଁ ଅନ୍ୟ ଏକ ବର୍ଣ୍ଣନାରେ ହ. ଉମର୍ ର.ଅଙ୍କ ଏକ ବର୍ଣ୍ଣନା ରହିଛି ଯେ, ଆମେମାନେ ଏକ ଗସ୍ସାନୀୟ ସମ୍ରାଟ୍ ଠାରୁ ଭୟଭୀତ ଥିଲେ । ଆମମାନଙ୍କୁ କୁହାଗଲା ଯେ, ସେ ଆମମାନଙ୍କ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି । ଏହି ପରିବେଶରେ ଆମମାନଙ୍କର ଛାତି ଭୟ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥିଲା । **(ସହି ବୁଖାରୀ, କିତାବୁଲ୍ ମଜାଲିମି ୱଲ୍ ଗସ୍‌ବି, ବାବ୍- ମନ୍ ଅଲ୍ ଗୁର୍ଫତି ୱଲ୍ ଉଲ୍ଲିୟତିଲ୍ ମୁଶ୍ରିଫତି ୱ ଗୈରିଲୁ ମୁଶ୍ରିଫତି ଫିସ୍ ସୁତୁହି ୱଗୈରହା, ହଦିସ୍ ନଂ-2468, କିତାବୁତ୍ ତଫ୍‌ସିର୍, ବାବ୍- ତବ୍‌ତଗି ମର୍ଜାତା ଅଜ୍‌ୱାଯିକା, ହଦିସ୍ ନଂ- 4913)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ତତ୍ପରେ ସାହାବା ର.ଅଙ୍କ ପ୍ରସ୍ତୁତି ଏବଂ ଆର୍ଥିକ ବଳିଦାନର ବିଶ୍ୱାସବର୍ଦ୍ଧକ ପ୍ରକାଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା । ଏହାର ସବିଶେଷ ବିବରଣୀରେ ଉଲ୍ଲେଖ ରହିଛି ଯେ, ଏହି ଭୟ ତଥା ନୈରାଶ୍ୟ ସହିତ ମଦିନା ସେତେବେଳେ ଭୀଷଣ ଦୁର୍ଭିକ୍ଷର ସମ୍ମୁଖୀନ ହେବାକୁ ଥିଲା ଏବଂ ସେତେବେଳେ ଫସଲ ଏବଂ ଫଳ ପାଚିବାର ସମୟ ଥିଲା । ସେହି ଦୁର୍ଭିକ୍ଷ ସମୟରେ ଲୋକମାନେ ନିଜର ଫସଲକୁ ସାଉଁଟିବା (କାଟି ସୁରକ୍ଷିତ ରଖିବା) ପାଇଁ ପ୍ରସ୍ତୁତି କରୁଥିଲେ କି ଜିହାଦ୍‌ରେ ବାହାରିବା ନିମନ୍ତେ ଘୋଷଣା ହେଲା । ପୁନଶ୍ଚ ପ୍ରଚଣ୍ଡ ଗ୍ରୀଷ୍ମଋତୁ ଏବଂ ଶହ ଶହ ମାଇଲର ଯାତ୍ରା, ପାଥେୟର ଅଭାବ ମଧ୍ୟ ଅନ୍ୟ ଏକ ସମସ୍ୟା ଥିଲା । ସେହି ସମସ୍ତ ସମସ୍ୟା ସତ୍ତ୍ୱେ ଆଁହଜରତ ସ.ଅଙ୍କ ପକ୍ଷରୁ ଯେତେବେଳେ ଜିହାଦ୍‌ର

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଘୋଷଣା ହେଲା ସେତେବେଳେ ନିଷ୍ଠା ଓ ବିଶ୍ୱସ୍ତତାର ପୁରୋଧା ପ୍ରାଣୋତ୍ସର୍ଗୀ ସାହାବାମାନେ ନିଜର ଫସଲ ଏବଂ ପାଚି ଯାଇଥିବା ଫଳଗୁଡ଼ିକୁ ଛାଡ଼ି ଯାତ୍ରାରେ ବାହାରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେ । ଏତେ ଦୀର୍ଘ ଦିନର ଯାତ୍ରା ଏବଂ ସେହି ଦରିଦ୍ର, ନିଷ୍ପାପର ସାହାବାମାନଙ୍କ ନିମନ୍ତେ କୌଣସି ସହଜ କଥା ନଥିଲା । ଆଁହଜରତ ସ.ଅଙ୍କୁ ମଧ୍ୟ ସମସ୍ୟାର ଏହି ଘଡ଼ି ସହିତ ଭଲ ଭାବରେ ଅବଗତ ଥିଲେ। ସୁତରାଂ ଆପଣ ସ.ଅ ସର୍ବସାଧାରଣଙ୍କୁ ଆର୍ଥିକ ବଳିଦାନ କରିବା ନିମନ୍ତେ ଧନାଢ୍ୟ ବ୍ୟକ୍ତିମାନଙ୍କୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବା ନିମନ୍ତେ ଏବଂ ବାହନ ଉପଲବ୍ଧ କରିବା ନିମନ୍ତେ ଆହ୍ୱାନ ଦେଇ କହିଲେ, مَنْ جَهَّزَ جَيْشَ الْعُسْرَةِ فَلَهُ الْجَنَّةُ ـ جيش عُسرۃ ଅର୍ଥାତ୍ ଯେଉଁ ବ୍ୟକ୍ତି ଜୈଶୁଲ୍ ଉସ୍ରତ୍ର ଅର୍ଥାତ୍ ତୁବୁକ୍ ଯୁଦ୍ଧକୁ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ କରିବ ତା'କୁ ବୈକୁଣ୍ଠ ପ୍ରାପ୍ତ ହେବ । **(ସହି ବୁଖାରୀ, କିତାବୁଲ୍ ୱସାୟା, ବାବ୍- ଇଜା ୱକଫନ୍ ଔ ବିଅରନ୍....., ହଦିସ୍ ନଂ-2778)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଇତ୍ୟ ବସରରେ ଯେଉଁ ବ୍ୟକ୍ତି ସର୍ବପ୍ରଥମେ ଅର୍ଥ ଆଣିଥିଲେ ସେ ହେଉଛନ୍ତି ହ. ଅବୁ ବକ୍କର ର.ଅ । ହ. ଅବୁ ବକ୍କର ର.ଅ ନିଜ ଘରର ସମସ୍ତ ସମ୍ପତ୍ତି ଘିନି ଆଣିଥିଲେ । ତାହାର (ଅର୍ଥରାଶି) ପରିମାଣ 4 ହଜାର ଥିଲା । ଆଁହଜରତ ସ.ଅ ହ. ଅବୁ ବକ୍କର୍ ର.ଅଙ୍କୁ ପଚାରିଲେ, ହେ ଅବୁ ବକ୍କର୍ ! ଆପଣ ନିଜ ଘର ଲୋକଙ୍କ ପାଇଁ କିଛି ଛାଡ଼ିଛନ୍ତି ଅବା ନୁହେଁ ? ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଘରେ କେବଳ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମ ଛାଡ଼ି ଦେଇ ଆସିଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉମର୍ ର.ଅ ନିଜର ଘଟଣା ଉପସ୍ଥାପିତ କରନ୍ତି ଯେ, "ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ କହିଲେ, ଆମେମାନଙ୍କୁ ସଦ୍କା ଦେବା ଉଚିତ୍ । ତେଣୁ ମୋ ପାଖରେ ସେତେବେଳେ ଅର୍ଥ ରହିଥିଲା । ମୁଁ କହିଲି, ଯଦି ମୁଁ ହ. ଅବୁ ବକ୍କର୍ ର.ଅଙ୍କ ଠାରୁ ଯଦି ଆଗେଇ ପାରିବି ତେବେ ଆଜି ହିଁ ଆଗେଇ ଯିବି । ମୁଁ ନିଜର ଅର୍ଦ୍ଧ (ଅଧା) ସମ୍ପତ୍ତି ନେଇ ଆସିଲି । ତେବେ ରସୁଲୁଲ୍ଲାଃ ସ.ଅ୍ କହିଲେ, ହେ ଉମର୍ ! ତୁମେ ନିଜ ପରିବାର ପାଇଁ କ'ଣ ଛାଡ଼ିଛ ? ମୁଁ କହିଲି (ହ. ଉମର୍ ର.ଅ କହିଲେ,) ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ଆପଣ ସ.ଅଙ୍କ ନିମନ୍ତେ ଯେତେ ଅର୍ଥ ଆଣିଛି ସେତିକି ହିଁ ମୁଁ ନିଜ ପରିବାର ପାଇଁ ମଧ୍ୟ ଛାଡି ଦେଇ ଆସିଛି । କିନ୍ତୁ ହ. ଅବୁ ବକ୍କର୍ ର.ଅଙ୍କ ପାଖରେ ଯାହାସବୁ ଥିଲା ତାହା ସେ ନେଇ ଆସିଲେ । ଅତଏବ୍ ଆପଣ ସ.ଅ କହିଲେ, ହେ ଅବୁ ବକ୍କର ର.ଅ! ତୁମେ ନିଜର ପିରବାର ବର୍ଗଙ୍କ ପାଇଁ କ'ଣ ଛାଡ଼ିଛ ? ହ. ଉମର୍ ର.ଅ କୁହନ୍ତି, ଏକଥା ଆଁହଜରତ ସ.ଅ ମୋତେ ହ. ଅବୁ ବକ୍କର ର.ଅଙ୍କ ସମ୍ମୁଖରେ ପଚାରିଲେ । ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେମାନଙ୍କ ପାଇଁ ଅର୍ଥାତ୍ ପରିବାର ପାଇଁ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କର ନାମ ଛାଡ଼ି ଦେଇ ଆସିଛି । ହ. ଉମର୍ ର.ଅ କୁହନ୍ତି ଯେ, ମୁଁ ଏକଥା ଶୁଣି କହିଲି, ମୁଁ ହ. ଅବୁ ବକ୍କର୍ ର.ଅଙ୍କ ଠାରୁ କୌଣସି ବସ୍ତୁରେ କେବେ ବି ଆଗେଇ ପାରିବି ନାହିଁ।" **(ସୁନନୁତ୍ ତିର୍ମିଜି ଅବୱାବୁଲ୍ ମନାକିବି, ବାବ୍- ରିଜାଅହୁ ଅଇଁ ୟକୁନା ଅବୁ ବକ୍କର ମିମ୍ମନ୍ ୟୁଦଅା ମିନ୍ ଜମିଇ ଅବୱାବିଲ୍ ଜନତା, ହଦିସ୍, 3675) (ଶରହିଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-69, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1996 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାକୁ ହ. ମୁସଲେହ୍ ମଉଦ୍ ର.ଅ ମଧ୍ୟ ନିଜ ଶବ୍ଦରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଏକ ଜିହାଦ୍ ସଂପର୍କରେ ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି: "ମୋ ମନରେ ଏହି ଧାରଣା ଉତ୍ପନ୍ନ ହେଲା ଯେ, ହ. ଅବୁ ବକ୍କର ର.ଅ ସର୍ବଦା ମୋ ଠାରେ ଆଗକୁ ବଢି ଯାଉଛନ୍ତି । ତେଣୁ ମୁଁ ଆଜି ତାଙ୍କ ଠାରୁ ଆଗକୁ ବଢିଯିବି । ଏହା ଭାବି ମୁଁ ଘରୁ ବାହାରିଲି ଏବଂ ନିଜ ଧନରୁ ଅର୍ଦ୍ଧ ଅର୍ଥ ବାହାର କରି ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥାପିତ କିରବା ନିମନ୍ତେ ଆସିଲି। ସେହି ଯୁଗଟି ଇସଲାମ୍ ଧର୍ମ ନିମନ୍ତେ ଅତ୍ୟନ୍ତ ବିପତ୍ତିର ଦିନ ଥିଲା । କିନ୍ତୁ ହ. ଅବୁ ବକ୍କର ର.ଅ ନିଜର ସମସ୍ତ ଧନ ତଥା ସମସ୍ତ ଅର୍ଥ ଘିନି ଆଣିଲେ ଏବଂ ତାହାକୁ ରସୁଲ୍ କରୀମ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେଲେ । ରସୁଲ୍ କରୀମ୍ ସ.ଅ ପଚାରିଲେ, ହେ ଅବୁ ବକ୍କର ! ତୁମେ ନିଜ ଘରେ କ'ଣ ଛାଡ଼ିଛ ? ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଘରେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମ ଛାଡ଼ି ଦେଇ ଆସିଛି । ହ. ଉମର୍ ର.ଅ କୁହନ୍ତି ଯେ, ଏକଥା ଶୁଣି ମୁଁ ଅତ୍ୟନ୍ତ ଲଜ୍ଜିତ ହେଲି । ମୁଁ ଭାବିଲି ଯେ, ଆଜି ମୁଁ ସକଳ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ହ. ଅବୁ ବକ୍କର ର.ଅଙ୍କୁ ଟପି ଯିବାକୁ ଚାହିଁଥିଲି । କିନ୍ତୁ ଆଜି ମଧ୍ୟ ହ. ଅବୁ ବକ୍କର୍ ର.ଅ ମୋ ଠାରୁ ଆଗେଇ ଯିବାକୁ ଚାହିଁଥିଲି । କିନ୍ତୁ ଆଜି ମଧ୍ୟ ହ. ଅବୁ ବକ୍କର ର.ଅ ମୋ ଠାରୁ ଆଗେଇ ଗଲେ ।" **(ଫଜାଇଲୁଲ୍ କୁରଆନ୍, ଗ୍ରନ୍ଥଖଣ୍ଡ-3 ଅନ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-11, ପୃ-577)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଉସ୍ମାନ୍ ର.ଅଙ୍କ ଆର୍ଥିକ ବଳିଦାନ ସଂକ୍ରାନ୍ତରେ ଏକ ବର୍ଣ୍ଣନା ମଧ୍ୟ ରହିଛି । ହ. ଅବ୍ଦୁର୍ ରହମାନ୍ ବିନ୍ ଖବ୍ବାବ୍ ର. ଉକ୍ତ ବର୍ଣ୍ଣନାକୁ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ମୁଁ ନବୀ କରୀମ୍ ସ.ଅଙ୍କ ପାଖରେ ବସିଥିଲି ଏବଂ ଆପଣ ସ.ଅ ଉସ୍ରାହର ସୈନ୍ୟବାହିନୀ ସଂପର୍କରେ ଆହ୍ୱାନ ଦେଉଥିଲେ । ତେବେ ହ. ଉସ୍ମାନ୍ ବିନ୍ ଅଫ୍ଫାନ୍ ର.ଅ ଛିଡ଼ା ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏକ ଶହ ଓଟ, ପଲାଣ, ପଲାଣ ଉପରିସ୍ଥ ପୃଥୁଳ ଗଦିକୁ ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଦେଉଛି । ପୁନଶ୍ଚ ଆପଣ ସ.ଅ ସୈନ୍ୟବାହିନୀ ସଂପର୍କରେ ଆହ୍ୱାନ ଯେତେବେଳେ ଦେଲେ ସେତେବେଳେ ହ. ଉସ୍ମାନ୍ ବିନ୍ ଅଫ୍ଫାନ୍ ପୁଣିଥରେ ଛିଡ଼ା ହୋଇ ପଡ଼ିଲେ । ହ. ଉସ୍ମାନ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଦୁଇ ଶହ ଓଟ, ପଲାଣ ଓ ପଲାଣ ଉପରିସ୍ଥ ଗଦି ଦାନ ଦେଉଛି । ଉକ୍ତ କଥା ଶୁଣିବା ପରେ ମଧ୍ୟ ଆଁହଜରତ ସ.ଅ ପୁନଶ୍ଚ ସୈନ୍ୟବାହିନୀ ସଂପର୍କରେ ପୁନର୍ବାର ଆହ୍ୱାନ ଦେଲେ । ତେବେ ହ. ଉସ୍ମାନ୍ ବିନ୍ ଅଫଫାନ୍ ର.ଅ ଛିଡ଼ା ହେଲେ ଏବଂ କହିବାକୁ ଲାଗିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ 3ଶହ ଓଟ ପଲାଣ ଓ ପଲାଣ ଉପରିସ୍ଥ ଗଦି ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଦାନ ଦେଉଛି । ହ. ଅବ୍ଦୁର୍ ରହମାନ୍ ବିନ୍ ଖବ୍ବାବ୍ ର.ଅ କହିଲେ ମୁଁ ରସୁଲୁଲ୍ଲାଃ ସ.ଙ୍କୁ ଦେଖିଲି ଯେ, ଆପଣ ସ.ଅ ମଞ୍ଚ ଉପରୁ ତଳକୁ ଓହ୍ଲାଉଥିଲେ । ଆପଣ ସ.ଅ ଏହା କହୁଥିଲେ ଯେ, مَا عَلَىٰ عُثْمَانَ مَا عَمِلَ بَعْدَ هٰذِهٖ مَا عَلَىٰ عُثْمَانَ مَا عَمِلَ بَعْدَ هٰذِهٖ ଅର୍ଥାତ୍ ଏହାପରେ ଉସ୍ମାନ୍ ଯେଉଁ କାର୍ଯ୍ୟ ବି କରନ୍ତି ସେଥିରେ ତାଙ୍କୁ ଧର ପକଡ଼ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି। ହ. ଅବ୍ଦୁର୍ ରହମାନ୍ ବିନ୍ ସମ୍ରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ନବୀ କରୀମ୍ ସ.ଅ ଉସ୍ରାହ୍ ନିମନ୍ତେ ସୈନ୍ୟବାହିନୀ ପ୍ରସ୍ତୁତ କଲେ ସେତେବେଳେ ହ. ଉସ୍ମାନ୍ ର.ଅ ନବୀ କରୀମ୍ ସ.ଅଙ୍କ ସେବାରେ ଏକ ସହସ୍ର ଦିନାର ଉପସ୍ଥାପିତ କଲେ ଏବଂ ସେହି ଦିନାରକୁ ଆପଣ ର.ଅ ଆଁହଜରତ୍ ସ.ଅଙ୍କ କୋଳରେ ପକାଇଦେଲେ । ହ. ଅବ୍ଦୁର୍ ରହ୍ମାନ୍ ର.ଅ କହିଲେ, ମୁଁ ନବୀ କରୀମ୍ ସ.ଅଙ୍କୁ ଦେଖିଲି, ଆପଣ ସ.ଅ ସେହି ଦିନାରକୁ ନିଜର କୋଳରେ ଓଲଟ୍ ପାଲଟ କରୁଥିଲେ ଏବଂ କହୁଥିଲେ ଯେ, مَا ضَرَّ عُثْمَانَ مَا عَمِلَ بَعْدَ الْيَوْمِ ଅର୍ଥାତ୍ ଆଜି ଉସ୍ମାନ୍ ଯାହା କରିଛନ୍ତି ସେଥି ଯୋଗୁଁ ଉସ୍ମାନଙ୍କର କୌଣସି କ୍ଷତି ଏବଂ ଅନିଷ୍ଟ ହେବ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ହ. ଉସ୍ମାନ୍ ର.ଅ ଇତ୍ୟବସରରେ 10,000 ଦିନାର ପ୍ରଦାନ କରିଥିଲେ । ତେଣୁ ଆଁହଜରତ ସ.ଅ ହ. ଉସ୍ମାନ୍ ର.ଅଙ୍କ ସକାଶେ ଏହି ପ୍ରାର୍ଥନା କଲେ, غَفَرَ اللّٰهُ لَكَ يَا عُثْمَانُ مَا أَسْرَرْتَ وَمَا أَعْلَنْتَ وَمَا هُوَ كَائِنٌ إِلَىٰ يَوْمِ الْقِيَامَةِ مَا يُبَالِي مَا عَمِلَ بَعْدَهَا ଅର୍ଥାତ୍ ହେ ଉସ୍ମାନ୍ ! ତୁମ୍ଭେ ଗୋପନ ରୂପେ ଯେଉଁ ସାହାଯ୍ୟ କରିଅଛ ସେଥି ନିମନ୍ତେ ଅଲ୍ଲାଃତାଲା ତୁମ୍ଭ ପ୍ରତି ଦୟାମୂଳକ ଆଚରଣ ପ୍ରଦର୍ଶନ କରନ୍ତୁ । ଆମିନ୍ । ସେହିପରି ତୁମ୍ଭେ ଯେଉଁ ପ୍ରକାଶ୍ୟ ଦାନ କରିଛ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବ । ତତ୍ପରେ ତୁମେ ଯେଉଁ କର୍ମକୃତ୍ୟ କରିବେ ସେଥିପ୍ରତି ତୁମେ ଚିନ୍ତିତ ହେବେ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉସ୍ମାନ୍ ର.ଅ ଉକ୍ତ ଯୁଦ୍ଧ ପ୍ରସ୍ତୁତି ନିମନ୍ତେ ଏକ ସହସ୍ର ଓଟ ଏବଂ 70ଟି ଅଶ୍ୱ ଉପସ୍ଥାପିତ କରିଥିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ ଇତ୍ୟବସରରେ ହ. ଉସ୍ମାନ୍ ର.ଅଙ୍କ ସପକ୍ଷରେ ଏହି ଦୁଆ କଲେ ଯେ, اَللّٰهُمَّ ارْضَ عَنْ عُثْمَانَ فَإِنِّي عَنْهُ رَاضٍ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ଉସ୍ମାନଙ୍କ ଉପରେ ପ୍ରସନ୍ନ ହୋଇଯାଅ ଏବଂ ତାଙ୍କ ପ୍ରତି ଅନୁଗ୍ରହ ପ୍ରଦର୍ଶନ କର । କାରଣ ମୁଁ ମଧ୍ୟ ଉସ୍ମାନ୍ ର.ଅଙ୍କ ଠାରୁ ପ୍ରସନ୍ନ ଅଟେ । ଇବ୍ନେ ଇସ୍ହାକ୍ ବର୍ଣ୍ଣନା କରନ୍ତି ଯେ, ହ. ଉସ୍ମାନ୍ ର.ଅ ତୁବୁକ୍ ଯୁଦ୍ଧ ଅବସରରେ ଯେତେ ଅର୍ଥ ବ୍ୟୟ କରିଥିଲେ ସେତେ ଅର୍ଥ ଅନ୍ୟ କୌଣସି ସାହାବି ବ୍ୟୟ କରିପାରି ନଥିଲେ । **(ସୁନନୁତ୍ ତିର୍ମିଜି କିତାବୁଲ୍ ମନାକିବି, ବାବ୍- ଫି ଅଦି ଉସ୍ମାନ୍ ତସମିୟତୁ ଶହିଦନ୍ ୱ ତଜହିଦତୁ ଜୈଶଲ୍ ଉସ୍ରତି, ହଦିସ୍ ସଂଖ୍ୟା-3700-3701) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍ନି ଇସ୍ହାକ୍, ଗ୍ରନ୍ଥଖଣ୍ଡ-2, ପୃ-596-597, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2004 ମସିହା) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-69-71, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1996 ମସିହା)(ଅସ୍ ସିରତୁଲ୍**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

**ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-184, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଉସ୍ମାନ୍ ର.ଅଙ୍କ ଏକ ବାଣିଜ୍ୟିକ ଯାତ୍ରୀସମୂହ ସିରୀୟା ଦେଶରୁ ଅନେକ ଲାଭ ନେଇ ଯେତେବେଳେ ଫେରିଲା ସେତେବେଳେ ସେ ଏକ ତୃତୀୟାଂଶ ସୈନ୍ୟବାହିନୀର ନିଜେ ଖର୍ଚ୍ଚ ବହନ କରିଥିଲେ । ଆପଣ ର.ଅ କହିଲେ, ମୁଁ ଏକ ତୃତୀୟାଂଶ ଖର୍ଚ୍ଚ ବହନ କରିବି । ଆପଣ ର.ଅ ଦଶ ହଜାରରୁ ଉର୍ଦ୍ଧ୍ୱ ଜିନିଷପତ୍ର ଏବଂ ଅସ୍ତ୍ରଶସ୍ତ୍ର ସୈନ୍ୟବାହିନୀକୁ ଯୋଗାଇଥିଲେ । ଆପଣ ର.ଅ ଏପରି ବସ୍ତୁର ବ୍ୟବସ୍ଥା କଲେ ଯେ, ପ୍ରତ୍ୟେକ ସୈନିକ ନିମନ୍ତେ ଜୋତାର ଗୋଟିଏ ଫିତା ମଧ୍ୟ ଆପଣ ର.ଅଙ୍କ ଅର୍ଥାତ୍ ହ. ଉସମାନ୍ ର.ଅଙ୍କ ଅର୍ଥରୁ ବ୍ୟୟ ହେଉଥିଲା । ଅର୍ଥାତ୍ ଛୋଟରୁ ଅତି ଛୋଟ ଜିନିଷ ପାଇଁ ମଧ୍ୟ ଆପଣ ର.ଅଙ୍କ କୋଷରୁ ଅର୍ଥ ବ୍ୟବହୃତ ହେଉଥିଲା । ସୁତରାଂ ସୈନ୍ୟବାହିନୀରେ ଆପଣ ର.ଅଙ୍କ 10,000 ଦିନାର ବ୍ୟୟ ହେଲା । ଏହି ଅର୍ଥରାଶି ଓଟ ଏବଂ ଅଶ୍ୱ ଠାରୁ ଅତିରିକ୍ତ ଅର୍ଥ ଥିଲା ।

ଏତଦ୍‌ଭିନ୍ନ ଏକ ହଜାର ଓଟ, ଏକଶହ ଅଶ୍ୱ ଏବଂ ଅନ୍ୟାନ୍ୟ ଜିନିଷପତ୍ର ସହିତ ଏକ ହଜାର ଦିନାର ମଧ୍ୟ ଆପଣ ସ.ଅଙ୍କ ସେବାରେ ଉପସ୍ଥାପିତ କରାଗଲା । ଏକ ହଜାର ଦିନାର ଦଶ ହଜାର ଦିନାର ଠାରୁ ଭିନ୍ନ ଥିଲା । ଏହି ଦିନାରକୁ ଆପଣ ର.ଅ ଦଶ ହଜାର ସଂଖ୍ୟକ ସୈନ୍ୟବାହିନୀ ଉପେରେ ବ୍ୟୟ କରିଥିଲେ । ଇତ୍ୟବସରରେ ହ. ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ଏକଶହ ଔକିୟାହ୍ ରୂପା ଉପସ୍ଥାପିତ କଲେ। ସେହିପରି ଅନ୍ୟ କେତେକ ବର୍ଣ୍ଣନାମାନଙ୍କରେ 200 ଔକିୟାହ୍ ରୂପା ଆପଣ ର.ଅ ଉପସ୍ଥାପିତ କରିଥିଲେ । ଔକିୟା କହିଲେ, ଏକ ଓଜନ ବା ପରିମାପକୁ ବୁଝାଏ । ଏକ ଔକିୟାହ୍ 10.30 ଭରି ସୁନା ତୁଲ୍ୟ ଅଟେ । ଅର୍ଥାତ୍ 1050 କିମ୍ବା 2100 ପର୍ଯ୍ୟନ୍ତ ରୂପା କିମ୍ବା ଯଦି ଆଜିକାଲିକା ଯୁଗରେ ଆମେମାନେ ଯଦି ଏହି ମୂଲ୍ୟକୁ ଦେଖୁ ତେବେ 1250 ଗ୍ରାମ କିମ୍ବା 2.500 (ଅଢେଇ କିଲୋ) କି.ଗ୍ରା ପାଖାପାଖି ରୂପା ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ସ.ଅ କହିଲେ, ଉସ୍ମାନ୍ ବିନ୍ ଅଫ୍ଫାନ୍ ଏବଂ ଅବ୍ଦୁର୍ ରହ୍ମାନ୍ ବିନ୍ ଔଫ୍ ଭୂମିରେ ନିଧି ମଧ୍ୟରୁ ଅନ୍ୟତମ ନିଧି ଅଟନ୍ତି, ଅନ୍ୟ କେତେକ ବର୍ଣ୍ଣନାମାନଙ୍କରେ 200 ଔକିୟାହ୍ ରୂପା ଆପଣ ର.ଅ ଉପସ୍ଥାପିତ କରିଥିଲେ । ଏମାନେ ଦୁହେଁ ଅଲ୍ଲାଃତାଲାଙ୍କ ଅନୁଗ୍ରହତା ତଥା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ବ୍ୟୟ କରୁଛନ୍ତି, । ଏମାନେ ବିପୁଳ ପରିମାଣର ଅର୍ଥ ରାଶି ଦେଇଛନ୍ତି। ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅ 400 ଔକିୟାହ୍ ସ୍ୱର୍ଣ୍ଣ ଉପସ୍ଥାପିତ କରିଥିଲେ, ଅର୍ଥାତ୍ 42 ଭରି ସୁନା ଉପସ୍ଥାପିତ କରିଥିଲେ ଓ ଅନ୍ୟ କେତେକ ସାହାବାମାନେ 900 ଓଟ ଉପସ୍ଥାପିତ କରିଥିବାର ବର୍ଣ୍ଣନା ମଧ୍ୟ ରହିଛି ସେ ଯାହା ହେଉ ଅନେକ ବଳିଦାନର ଚର୍ଚ୍ଚା ହଦିସ୍‌ରେ ରହିଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ହ. ଅବ୍ଦୁର୍ ରହ୍ମାନ୍ ବିନ୍ ଔଫ୍ ର.ଅ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପାଖରେ 8000 ଦିର୍‌ହମ୍ ଅଛି । 4000 ଦିରହମ୍ ମୁଁ ନିଜ ପରିବାରବର୍ଗଙ୍କ ପାଇଁ ରଖି ଦେଇଛି ଏବଂ ଆଉ ଚାରି ହଜାର ମୁଁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରୁଛି । ଆପଣ ସ.ଅ ତାଙ୍କୁ ଅଜସ୍ର କଲ୍ୟାଣ ନିମନ୍ତେ ଆଶୀର୍ବାଦ କରି କହିଲେ, بَارَكَ اللّٰهُ فِيۡمَاۤ اَمۡسَكۡتَ وَفِيۡمَاۤ اَعۡطَيۡتَ । ଅର୍ଥାତ୍ ହେ ଅବ୍ଦୁର୍ ରହ୍ମାନ୍ ! ତୁମେ ନିଜର ପରିବାରବର୍ଗଙ୍କ ନିମନ୍ତେ ଯେଉଁ ଧନ ବା ଅର୍ଥ ରଖିଛ ଏବଂ ଯେଉଁ ଧନକୁ ତୁମେ ଅଲ୍ଲାଃତାଲାଙ୍କ ମାର୍ଗରେ ଦେଇଛି ଅଲ୍ଲାଃତାଲା ଉଭୟ ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଆସିମ୍ ବିନ୍ ଅଦି ର.ଅ 70 ୱସକ୍ ଖଜୁରୀ କୋଳି ଉପସ୍ଥାପିତ କଲେ । ଏକ ୱସକ୍ 60 ସାଆ ହୋଇଥାଏ ଏବଂ ଏକ ସାଆ ପ୍ରାୟ ତିନି ସେର୍ ହୋଇଥାଏ ଅର୍ଥାତ୍ ମୋଟ୍ 12 ହଜାର୍ 600 କି.ଗ୍ରା ଖଜୁରୀ କୋଳି ହୋଇଥାଏ । ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ନିଜର ଧନ ଦ୍ୱାରା ଆର୍ଥିକ ବଳିଦାନକାରୀ ବ୍ୟକ୍ତିମାନଙ୍କ ମଧ୍ୟରେ ହ. ଅବବାସ୍ ବିନ୍ ଅବ୍ଦୁଲ୍ ମୁତଲ୍ଲିବ୍ ର.ଅ, ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅ, ହ. ସଆଦ୍ ବିନ୍ ଉବାଦାହ୍ ର.ଅ ଏବଂ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅ ପ୍ରଭୃତି ସାହାବାମାନଙ୍କର ନାମ ଉଲ୍ଲେଖ ଯୋଗ୍ୟ ଅଟେ । **(ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-69, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା)(ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-183-184, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା) (ସିରତୁଲ୍ ହଲବିୟାହ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-3ର ଅର୍ଦ୍ଧାଂଶ, ପୃ-396-397, ଦାରୁଲ୍ ଇଶାଅତ୍-2009 ମସିହା) (ଗଜ୍ୱାତୁନ୍ ନବୀ ସ.ଅ, ଲେଖକ-ଅଲ୍ଲାମା ବୁରହାନୁଦ୍ଦୀନ୍ ହଲବି ଉର୍ଦ୍ଦୁ ଅନୁବାଦ, ପୃ-686, ଦାରୁଲ୍ ଇଶାଅତ୍ 2001 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-457, ମକ୍‌ତବା ଦାରୁସ୍ ସଲାମ୍) (ସିରୁସ୍ ସାହାବା, ଗ୍ରନ୍ଥଖଣ୍ଡ-1, ପୃ-161, ଦାରୁଲ୍ ଇଶାଅତ୍, କରାଚୀ, 2004 ମସିହା) (ସହି ମୁସ୍‌ଲିମ୍, ନୁର୍ ଫାଉଣ୍ଡେସନ୍, ଗ୍ରନ୍ଥଖଣ୍ଡ-184, ଜୀବନୀ ଶବ୍ଦକୋଷ, ପୃ-49, ଜୱାର୍ ଏକାଡ଼େମୀ ପବ୍ଲିକେଶନ୍‌ସ୍, କରାଚୀ-2003 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ଗୋଟେ ଥିଲା ସେହି ଯୁଗ ଯେଉଁ ଯୁଗରେ ଲୋକମାନେ ଐଶ୍ୱରିକ ଧର୍ମ ଉପରେ ନିଜର ପ୍ରାଣକୁ ଛେଳୀ ମେଣ୍ଢାମାନଙ୍କ ପରି ଉତ୍ସର୍ଗ କରୁଥିଲେ । ଅର୍ଥର ଚର୍ଚ୍ଚା କହିଲେ ନ ସରେ, ହ. ଅବୁ ବକ୍କର ସିଦ୍ଦିକ୍ ର.ଅ ଏକାଧିକ ଥର ନିଜ ଘର ବାଡ଼ି ଏପର୍ଯ୍ୟନ୍ତକି ନିଜର ଛୁଞ୍ଚି ମଧ୍ୟ ଘରେ ଛାଡ଼ିଲେ ନାହିଁ । ଠିକ୍ ସେହିପରି ହ. ଉମର୍ ର.ଅ ନିଜର ସାମର୍ଥ୍ୟ ଏବଂ ମୁକ୍ତ ହୃଦୟ ଅନୁଯାୟୀ ସେହିପରି କଳନା କରିନିଆଯାଉ ବଳିଦାନ ଦେଇଥିଲେ। ସମସ୍ତ ସାହାବାମାନେ ନିଜର ପ୍ରାଣ, ନିଜର ଧନକୁ ଈଶ୍ୱର ଧର୍ମ, ଈଶ୍ୱରଙ୍କ ମାର୍ଗ ଉପରେ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ଓ ତତ୍ପର ହୋଇ ଯାଇଥିଲେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ପୁନଶ୍ଚ ଅ.ସ କୁହନ୍ତି: "ଅଲ୍ଲାଃତାଲା କୁହନ୍ତି ଯେ, لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ **(ଆଲେ ଇମ୍ରାନ୍: 93)** ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେମାନେ ନିଜର ପ୍ରକୃତ ବସ୍ତୁ ଅର୍ଥାତ୍ ପ୍ରିୟ ଧନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ପ୍ରକୃତ ପୁଣ୍ୟକୁ କଦାପି ପ୍ରାପ୍ତ କରି ପାରିବ ନାହିଁ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-192, ବି.ଦ୍ର, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟ ପ୍ରାପ୍ତ କରିବା ନିମନ୍ତେ ସାହାବାମାନେ ନିଜର ପ୍ରିୟ ଧନକୁ ବ୍ୟୟ କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି: "ବେଳେବେଳେ ସାହାବାମାନେ କେବଳ ଘରର ଆସବାବ ପତ୍ର ବିକ୍ରି କରି ଯୁଦ୍ଧ ଖର୍ଚ୍ଚ ସଂପୂର୍ଣ୍ଣ କରି ନଥିଲେ । ବରଂ ଏହା ମଧ୍ୟ ଦୃଶ୍ୟମାନେ ହୁଏ ଯେ, ବେଳେବେଳେ ସାହାବାମାନେ ନିଜର ସମ୍ପତ୍ତି ବିକ୍ରି କରି ଅନ୍ୟ ଲୋକମାନଙ୍କ ଉପରେ ଅର୍ଥକୁ ବ୍ୟୟ (ଖର୍ଚ୍ଚ) କରି ଦେଇଥିଲେ ଓ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିଥିଲେ ତଥା ସେମାନଙ୍କୁ ସୁବିଧା ସୁଯୋଗ ଉପଲବ୍ଧ କରାଇଥିଲେ । ଅର୍ଥାତ୍ ଯୁଦ୍ଧରେ ଯେଉଁମାନେ ଅଂଶଗ୍ରହଣ କରୁଥିଲେ ସେମାନଙ୍କୁ ସୁବିଧା ସୁଯୋଗ ଉପଲବ୍ଧ କରାଇଥିଲେ । ସୁତରାଂ ଏକଦା ରସୁଲ୍ କରୀମ୍ ସ.ଅ ବାହାରକୁ ଆସିଲେ ଏବଂ ଆପଣ ସ.ଅ କହିଲେ, ଅମକ ଯୁଦ୍ଧରେ ଆମର ସୈନ୍ୟବାହିନୀ ବାହାରିବ କିନ୍ତୁ ବିଶ୍ୱାସକାରୀମାନଙ୍କ ପାଖରେ କିଛି ବି ଜିନିଷ ପତ୍ର ନାହିଁ । କ'ଣ ତୁମମାନଙ୍କ ମଧ୍ୟରୁ କେହି ଏପରି ବ୍ୟକ୍ତି ରହିଛି ଯିଏ ପୁଣ୍ୟ ପ୍ରାପ୍ତ କରିବ ? ହ. ଉସ୍ମାନ୍ ର.ଅ ଉକ୍ତ କଥା ଶୁଣିବା ମାତ୍ରେ ଛିଡ଼ା ହେଲେ ଏବଂ ଆପଣ ସ.ଅ ନିଜର ଉପାର୍ଜିତ ଏବଂ ସଞ୍ଚିତ ଧନକୁ କାଢି ମୁସଲମାନମାନଙ୍କ ଖର୍ଚ୍ଚ ସକାଶେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥାପିତ କିରଦେଲେ ।"

**(ଖୁତ୍‌ବାତେ ମହ୍‌ମୁଦ୍, ଗ୍ରନ୍ଥଖଣ୍ଡ-19, ପୃ-135, ପୃ-98-99)**

ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ମଧ୍ୟ ଆର୍ଥିକ ବଳିଦାନ ସଂପର୍କରେ ନିଜର ଏକ ଖୁତ୍‌ବାରେ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଏକ ଅବସରରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି ପାଇଁ ବିପୁଳ ଅର୍ଥରାଶିର ଆବଶ୍ୟକତା ଥିଲା ଏବଂ ସେହି ଦିନମାନଙ୍କରେ କିଛିଟା ଆର୍ଥିକ ସମସ୍ୟା ଏବଂ ଆର୍ଥିକ ଅଭାବ ମଧ୍ୟ ରହିଥିଲା । ସଂସାର ଏହିପରି ଅଟେ । ଅର୍ଥାତ୍ କେତେବେଳେ ଆର୍ଥିକ ସ୍ୱଚ୍ଛଳତା ହୋଇଥାଏ ତ' ଆଉ କେତେବେଳେ ଅଭାବର ଦିନ ହୋଇଥାଏ । ଇତ୍ୟବାସରରେ ମଧ୍ୟ ଅଭାବର ଦିନ ଥିଲା ଏବଂ ଯୁଦ୍ଧ କରିବାର ଆବଶ୍ୟକତା ମଧ୍ୟ ଥିଲା । ନବୀ କରୀମ୍ ସ.ଅ ସାହାବାମାନଙ୍କ ସମ୍ମୁଖରେ ପ୍ରକୃତ ଆବଶ୍ୟକତାକୁ ଉପସ୍ଥାପିତ କଲେ ଏବଂ ଆର୍ଥିକ ବଳିଦାନ ଉପସ୍ଥାପିତ କିରବା ନିମନ୍ତେ ସେମାନଙ୍କୁ ଅନୁପ୍ରାଣିତ ଓ ଉତ୍ସାହିତ ମଧ୍ୟ କଲେ। ପରିଣାମ ଏହା ହେଲା କି ସତ୍ୟବାଦୀ ହ. ଅବୁ ବକ୍କର ର.ଅ ତ' ନିଜର ସମସ୍ତ ଅର୍ଥରାଶି ନେଇ ଆସିଥିଲେ । ହ. ଉମର୍ ର.ଅ ନିଜର ଅର୍ଦ୍ଧ ଅର୍ଥ ନେଇ ଆସିଲେ । ହ. ଉସ୍ମାନ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଉପସ୍ଥାପନକୁ ଆପଣ ସ.ଅ ସ୍ୱୀକାର କରି ନିଅନ୍ତୁ । କାରଣ ମୁଁ 10,000 ସାହାବାମାନଙ୍କର ସଂପୂର୍ଣ୍ଣ ଖର୍ଚ୍ଚ ବହନ କରିବି ଓ ଏତଦ୍‌ଭିନ୍ନ ଆପଣ ସ.ଅ ଏକ ସହସ୍ର ଗଟ ଓ 70 ଅଶ୍ୱ ମଧ୍ୟ ପ୍ରଦାନ କଲେ। ସେହିପରି ସମସ୍ତ ନୈଷ୍ଠିକ ସାହାବାମାନେ ନିଜ ନିଜର ସାମର୍ଥ୍ୟ ଓ ଶକ୍ତି ଅନୁଯାୟୀ ଆର୍ଥିକ ବଳିଦାନ ଉପସ୍ଥାପିତ କଲେ ଓ ଅଲ୍ଲାଃତାଲା ଏହାର ସୁପରିଣାମ ମଧ୍ୟ ପ୍ରଦାନ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** كُوۡنُوۡا مَعَ الصّٰدِقِيۡنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

କଲେ ।" **(ଖୁତ୍‌ବାତେ ନାସିର୍, ଗ୍ରନ୍ଥଖଣ୍ଡ-2, ପୃ-341, ଖୁତବା ଜୁମା- ପ୍ରଦତ୍ତ 18 ଅକ୍ଟୋବର 1968 ମସିହା)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏହା ଅଲ୍ଲାଃତାଲାଙ୍କ ଅଶେଷ କୃପା କି ଜମାଅତ୍ ଅହମଦିୟାର ଲୋକମାନେ ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତି ଯେ, ଆର୍ଥିକ ବଳିଦାନର କ'ଣ ମହତ୍ତ୍ୱ ରହିଛି ? ଅନେକ ଘଟଣାବଳୀ ମୁଁ ଉପସ୍ଥାପିତ କରିଥାଏ । ପ୍ରକୃତରେ ବେଳେବେଳେ ଲୋକମାନଙ୍କ ପାଖରେ ଯାହାସବୁ ରହିଥାଏ ତାହାକୁ ସେମାନେ ନିଃଶଙ୍କୋଚ ବଳିଦାନ ଦେଇ ଦେଇଥାଆନ୍ତି । ଧନୀକ ବ୍ୟକ୍ତିମାନଙ୍କୁ ସାମର୍ଥ୍ୟବାନ୍ ଲୋକମାନଙ୍କୁ ମଧ୍ୟ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ ଓ ହ. ଉସମାନ୍ ର.ଅଙ୍କ ଆଦର୍ଶକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ପୁନଶ୍ଚ ନିଜର ବଳିଦାନର ସ୍ତରକୁ ମଧ୍ୟ ଅଭିବୃଦ୍ଧି କରନ୍ତୁ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସାହାବାମାନେ ଯଥା ସମ୍ଭବ କିଛି ନା କିଛି ଜିନିଷ ଉପସ୍ଥାପିତ କଲେ ଏବଂ ଗରିବ ଓ ଅଭାବି ସିପାହୀମାନଙ୍କ ନିମନ୍ତେ ବାହନ, ଖଡ୍‌ଗ ଓ ଅନ୍ୟାନ୍ୟ ଯୁଦ୍ଧ ସରାଞ୍ଜାମ ସେମାନଙ୍କୁ ଉପଲବ୍ଧ କରାଇଲେ । କେତେକ ଗରିବ ସାହାବା କିମ୍ବା ସାହାବିୟାମାନେ ଯେତେବେଳେ ଗୋଟିଏ ଗୋଟିଏ ଏବଂ ଦୁଇ ଦୁଇ ମୁଦ୍ (ମୁଠାଏ ଖାଦ୍ୟ ଶସ୍ୟ) ଶସ୍ୟ ଉପସ୍ଥିପତ କରୁଥିଲେ ସେତେବେଳେ ସେମାନଙ୍କର ମନ ପୂରି ଯାଉଥିଲା କି ଏପରି ହୁଅନ୍ତା କି ଆମମାନଙ୍କ ପାଖରେ ମଧ୍ୟ ଅଧିକ ଶସ୍ୟ ଏବଂ ଅଧିକ ଅର୍ଥ ଥାଆନ୍ତା ତେବେ ଆମେମାନେ ସେହି ଅର୍ଥକୁ ମଧ୍ୟ ଉପସ୍ଥାପିତ କରିଦେଇ ଥାଆନ୍ତୁ । କିନ୍ତୁ କପଟବିଶ୍ୱାସୀ ସେମାନଙ୍କ ଉପରେ ହସୁଥିଲେ ଏବଂ କହୁଥିଲେ ଯେ, ଏହି ଲୋକମାନେ ସେହି ମୁଠାଏ ଶସ୍ୟ ଦ୍ୱାରା କୈସର୍‌କୁ ପରାଜିତ ଦେଇ ପାରିବେ କି ? ମୁଦ୍ କହିଲେ, ଏକ କ୍ଷୁଦ୍ର (ଛୋଟିଆ) ମାପକ ବସ୍ତୁ ଅଟେ । ମୁଠାଏ ଶସ୍ୟକୁ ମାପିଲେ ସେହି ମୁଠାଏ ମାପକୁ ମୁଦ୍ କୁହାଯାଏ । କପଟବିଶ୍ୱାସୀମାନଙ୍କର ଏହି ବ୍ୟଙ୍ଗ ବିଦ୍ରୂପ ସଂପର୍କରେ ଅଲ୍ଲାଃତାଲା କୁହନ୍ତି ଯେ, اَلَّذِيْنَ يَلْمِزُوْنَ الْمُطَّوِّعِيْنَ مِنَ الْمُؤْمِنِيْنَ فِي الصَّدَقَاتِ وَالَّذِيْنَ لَا يَجِدُوْنَ اِلَّا جُهْدَهُمْ فَيَسْخَرُوْنَ مِنْهُمْ ۔ سَخِرَ اللّٰهُ مِنْهُمْ ۔ وَلَهُمْ عَذَابٌ اَلِيْمٌ **(ଅତ୍ ତୌବା: 79)** ଅର୍ଥାତ୍ ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁମାନେ ମୁକ୍ତ ହସ୍ତରେ ଦାନ କରନ୍ତୁ ସେମାନଙ୍କୁ ଏହି କପଟବିଶ୍ୱାସୀମାନେ ବିଦ୍ରୂପ କରନ୍ତି ଏବଂ ଯେଉଁମାନଙ୍କର ନିଜ ପରିଶ୍ରମ ଦ୍ୱାରା ଉପାର୍ଜିତ ଧନ ବ୍ୟତୀତ ଦାନ ଦେବା ପାଇଁ ଅନ୍ୟ କିଛି ସାମର୍ଥ୍ୟ ନଥାଏ ତେବେ ସେମାନଙ୍କୁ ମଧ୍ୟ । ସୁତରାଂ ସେମାନଙ୍କର ଏହି ତ୍ୟାଗ ସତ୍ତ୍ୱେ ଏ କପଟବିଶ୍ୱାସୀମାନେ ସେମାନଙ୍କୁ ପରିହାସ କରନ୍ତି । ଅଲ୍ଲାଃତାଲା ସେମାନଙ୍କ ପରିହାସ ପାଇଁ ସେମାନଙ୍କୁ ଦଣ୍ଡିତ କରିବେ ଏବଂ ସେମାନଙ୍କ ପାଇଁ ଯନ୍ତ୍ରଣାଦାୟକ ଶାସ୍ତି ନିୟତ ରହିଛି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ପରିଶ୍ରମ କରି ଆର୍ଥିକ ବଳିଦାନକାରୀମାନଙ୍କ ମଧ୍ୟରେ ହ. ଅବୁ ଉକୈଲ୍ ର.ଅ ମଧ୍ୟ ଥିଲେ । ସେ ଅହୋରାତ୍ର (ରାତି ସାରା) କୂପ (କୂଅ)ରୁ ଜଳ (ପାଣି) କାଢିଲେ ଏବଂ ଦୁଇ ସାଆ ଖଜୁରୀ କୋଳି ପ୍ରାପ୍ତ କଲେ । ଗୋଟିଏ ସାଆ ଖଜୁରୀ ପ୍ରାୟ ଅଢେଇ କେଜି ଅର୍ଥାତ୍ 2.500 କି.ଗ୍ରାର ହୋଇଥାଏ । ଅର୍ଥାତ୍ ମୋଟ୍ 5 କି.ଗ୍ରୀ ଖଜୁରୀ କୋଳି ପ୍ରାପ୍ତ କଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ସାଆ ପରିବାର ପାଇଁ ରଖିନେଲେ ଏବଂ ଆଉ ଏକ ସାଆ ଖଜୁରୀ ଯାହାକୁ ସେ ବଳିଦାନ ଦେଇପାରୁଥିଲେ ତାହାକୁ ଅର୍ଥାତ୍ ଖଜୁରୀ କୋଳିକୁ ଧରି ଆପଣ ସ.ଅ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥାପିତ ହୋଇଗଲେ । **(ଉସଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-6, ପୃ-215, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2003 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-458, ମକ୍‌ତବା ଦାରୁସ୍ ସଲାମ୍)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏକ ସ୍ଥାନରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରି କୁହନ୍ତି : "ରସୁଲୁଲ୍ଲାଃ ସ.ଅ ଏକଦା ନିଜର ସାହାବାମାନଙ୍କୁ ଚାନ୍ଦା ଦେବା ନିମନ୍ତେ ଆହ୍ୱାନ ଦେଲେ । ତେବେ ଜନୈକ (ଜଣେ) ସାହାବି ଯାଇ କିଛି ମଜୁରୀ ଲାଗିଲା । ସମ୍ଭବତଃ କୌଣସି କୂପ ପାଖରେ ଯାଇ କୂପରୁ ଜଳ କାଢ଼ିଲା ଏବଂ କୂପରୁ ସେହି ଜଳ କାଢ଼ିବା ବଦଳରେ ଅଧ ସେର୍ କିମ୍ବା ତିନି ପାଏ ଶସ୍ୟ ତାଙ୍କୁ ମିଳିଲା । ସେହି ଶସ୍ୟକୁ ଆଣି ସେହି ସାହାବି ଜଣକ ଚାନ୍ଦାରେ ଉପସ୍ଥାପିତ କରିଦେଲେ । ସେତେବେଳେ 1000/- ଟଙ୍କାର ଆବଶ୍ୟକତା ରହିଥିଲା । କପଟବିଶ୍ୱାସୀମାନ ହସୁଥିଲେ ଏବଂ କହୁଥିଲେ ଯେ, ହେ ହେ ହେ ଏଇ ହେଉଛି ତୁମ ଯୁଦ୍ଧ ପ୍ରସ୍ତୁତି ? ତୁମେମାନେ ଏପରି ଯୁଦ୍ଧ ପ୍ରସ୍ତୁତି କରୁଛ ? ଉକ୍ତ ଘଟଣା ହେଉଛି ତୁବୁକ୍ ଯୁଦ୍ଧର ଘଟଣା । ଉକ୍ତ ଯୁଦ୍ଧ ରୋମୀୟମାନଙ୍କ ସହିତ ଲଢ଼ିବାର ଥିଲା ଏବଂ ସେତେବେଳେ ରୋମ ରାଷ୍ଟ୍ର ଏପରି ଥିଲା ଯେପରି ଆଜି ଇଂରେଜ ରାଷ୍ଟ୍ର ଅଟେ ।"

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ ଉପରୋକ୍ତ ବର୍ଣ୍ଣନା କଲେ ସେତେବେଳେ ସମଗ୍ର ବିଶ୍ୱରେ ଇଂରେଜମାନଙ୍କର ଆଧିପତ୍ୟ ଥିଲା । ଏତେ ବିଶାଳ ରାଷ୍ଟ୍ର ସହିତ ଯୁଦ୍ଧ କରିବାକୁ ସେହି ସାହାବି ଜଣକ ମୁଠାଏ ଯଅ ଆଣି ଦେଲେ । କପଟବିଶ୍ୱାସୀମାନେ ଏହା ଦେଖି ପରିହାସ କରିବାକୁ ଲାଗୁଥିଲେ । କିନ୍ତୁ ରସୁଲ୍ କରୀମ୍ ସ.ଅଙ୍କୁ ଯେତେବେଳେ ଏଥି ସଂପର୍କରେ ଜ୍ଞାତ ହେଲା ସେତେବେଳେ ଆପଣ ସ.ଅ କହିଲେ, ସେହି କପଟବିଶ୍ୱାସୀମାନଙ୍କୁ କ'ଣ ବା ଜଣା ଯେ, ଈଶ୍ୱରଙ୍କ ଦୃଷ୍ଟିରେ ସେହି ମୁଠାଏ ଯଅର ମୂଲ୍ୟ କ'ଣ ଅଟେ ? ଏହି ସାହାବାମାନେ ହେଉଛନ୍ତି ସେହି ସାହାବାମାନେ ଯେଉଁମାନଙ୍କୁ ବିଜୟ ପ୍ରାପ୍ତ ହୋଇଥିଲା ଏବଂ ରୋମୀୟମାନଙ୍କୁ ପରାଜୟ ବରଣ କରିବାକୁ ପଡ଼ିଥିଲା । କେବଳ ରୋମୀମାନଙ୍କୁ ପରାଜୟ ବରଣ କରିବାକୁ ପଡ଼ି ନଥିଲା ବରଂ ଇରାନୀୟ (ପାର୍ସି) ମାନଙ୍କୁ ମଧ୍ୟ ଯେଉଁମାନଙ୍କର ରାଷ୍ଟ୍ର ମଧ୍ୟ ରୋମୀୟ ଶାସନ ବିପକ୍ଷରେ ଥିଲା ସେହି ଇରାନୀୟ ଶାସନକୁ ମଧ୍ୟ ମୁସଲମାନମାନେ ପରାସ୍ତ କରିଥିଲେ ।"

**(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-17, ପୃ-135, ପୃ-46-47)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଜନୈକ ସାହାବିଙ୍କର ଏକ ଅଦ୍ଭୁତ ଘଟଣାର ଚର୍ଚ୍ଚା ମଧ୍ୟ ରହିଛି । ଯେପରିକି ବର୍ଣ୍ଣିତ ହୋଇଛି ଯେ, ଉକ୍ତ ଯୁଦ୍ଧରେ ପ୍ରସ୍ତୁତି ନିମନ୍ତେ ନୈଷ୍ଠିକ ସାହାବା ର.ଅ କୌଣସି ନା କୌଣସି ରୂପେ ଯାତ୍ରା ପ୍ରସ୍ତୁତି ଏବଂ ଆର୍ଥିକ ବଳିଦାନର ଆହ୍ୱାନରେ ଅଂଶ ଗ୍ରହଣ କରିବା ନିମନ୍ତେ ନିଜ ତରଫରୁ ଉଦ୍ୟମରେ ମଗ୍ନ ଥିଲେ । ଧନୀକ ସାହାବାମାନେ ନିଜ ନିଜର ଧନକୁ ଉପସ୍ଥାପିତ କରି ଚାଲିଥିଲେ। ଅଭାବି ଓ ନିଃସହାୟ ସାହାବାମାନେ ପରିଶ୍ରମ ଏବଂ ମଜୁରୀ ଲାଗିବା ପରେ ମଧ୍ୟ ସେମାନଙ୍କୁ ଯେଉଁ ସାଧାରଣ ପାରିଶ୍ରମିକ ମିଳୁଥିଲା ସେହି ପାରିଶ୍ରମିକକୁ ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଉପସ୍ଥାପିତ କରି ଦେଉଥିଲେ । ଏହିସବୁ ପରିସ୍ଥିତିରେ ଜଣେ ସାହାବି ହ. ଉଲ୍‌ବା ବିନ୍ ଜୈଦ୍ ର.ଅଙ୍କର ମଧ୍ୟ ଉଲ୍ଲେଖ ତଥା ଚର୍ଚ୍ଚା ମିଳେ। ହ. ଉଲ୍‌ବା ବିନ୍ ଜୈଦ୍ ର.ଅ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ଏପରି ଏକ ନିରୀହ ପନ୍ଥା ଅବଲମ୍ବନ କଲେ ଯାହା ଅନ୍ୟ ଲୋକମାନଙ୍କ ଅପେକ୍ଷା ଅନନ୍ୟ ଓ ଭିନ୍ନ ଥିଲା। ସେ ମଧ୍ୟ ନିଃସହାୟ ଏବଂ ନିଷ୍ପାପର ବ୍ୟକ୍ତି ଥିଲେ । ଉପସ୍ଥାପିତ (ଦେବା) କରିବା ନିମନ୍ତେ ତାଙ୍କ ପାଖରେ କିଛି ବି ନଥିଲା । ସେହିପରି ତାଙ୍କ ପାଖରେ ଏତେ ସାମର୍ଥ୍ୟ ନଥିଲା ଯେ, ସେ ଜିହାଦ୍‌ରେ ସାମିଲ୍ ହୋଇପାରିବେ । ତେଣୁ ଦିନେ ସେ ରାତ୍ର ନମାଜ୍ ନିମନ୍ତେ ଛିଡ଼ା ହେଲେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ କାକୁତି ମିନତୀ କରି କହିଲେ, ହେ ଅଲ୍ଲାଃ ! ତୁମ୍ଭେ ଜିହାଦ୍ କରିବା ନିମନ୍ତେ ଆଦେଶ ଦେଇଛ ଓ ଅର୍ଥ ଦାନ କରିବାକୁ ପ୍ରବର୍ତ୍ତାଇଛ । ହେଲେ ମୋ ପାଖରେ କିଛି ବି ନାହିଁ ଯେ, ମୁଁ ତୁମ୍ଭ ମାର୍ଗରେ କିଛି ବ୍ୟୟ କରିଦେବି । ସେହିପରି ହେ ଅଲ୍ଲାଃ ! ତୁମ୍ଭ ବାର୍ତ୍ତାବହଙ୍କ ପାଖରେ ମଧ୍ୟ ଏତେ ଅର୍ଥ ଏବଂ ଜିନିଷପତ୍ର ନାହିଁ ଯେ, ସେ ମୋତେ କିଛି ସାହାଯ୍ୟ କରିପାରିବେ ଓ ମୁଁ ଯାଇ ଲଢ଼ିବି ? ତୁମ୍ଭର ଅବତାର ଆର୍ଥିକ ବଳିଦାନ ନିମନ୍ତେ ଆହ୍ୱାନ ଦେଇଛନ୍ତି, ମୁଁ ତହିଁରେ ସାମିଲ୍ ହୋଇ ପାରିବି ନାହିଁ । କିନ୍ତୁ ମୋ ପ୍ରାଣ, ଧନ ଓ ସମ୍ମାନ ଉପରେ ହୋଇଥିବା ଅତ୍ୟାଚାରର ପ୍ରତ୍ୟେକ ଅତ୍ୟାଚାରକୁ କ୍ଷମା କରି ତାହାକୁ ମୁସଲମାନମାନଙ୍କ ଉପରେ ସଦ୍‌କା କରୁଛି । ଯେତେବେଳେ ସକାଳ ହେଲା ସେତେବେଳେ ଏହି ସାହାବି (ହ. ଉଲ୍‌ବା ବିନ୍ ଜୈଦ୍ ର.ଅ) ଜଣକ ଅନ୍ୟ ସାହାବାମାନଙ୍କ ସହିତ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଆପଣ ସ.ଅ ପଚାରିଲେ, "ଆଜି ରାତିରେ ନିଜ ସମ୍ମାନର ସଦ୍‌କା କିଏ କରିବ ?" କେହି ଛିଡ଼ା ହେଲେ ନାହିଁ । ଆପଣ ସ.ଅ ପୁନଶ୍ଚ କହିଲେ, "ଆଜି ରାତିରେ ନିଜ ସମ୍ମାନର ସଦ୍‌କା କିଏ କରିବ ? କିନ୍ତୁ କେହି ଛିଡ଼ା ହେଲେ ନାହିଁ। ପରିଶେଷରେ ହ. ଉଲ୍‌ବା ର.ଅ ଛିଡ଼ା ହେଲେ ଏବଂ ଆପଣ ସ.ଅ ସମସ୍ତ ବୃତ୍ତାନ୍ତ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ଆପଣ ସ.ଅ କହିଲେ, اَبْشِرْ فَوَالَّذِيْ نَفْسِيْ بِيَدِهٖ لَقَدْ كُتِبَتْ فِي الزَّكَاةِ الْمُتَقَبَّلَةِ ଅର୍ଥାତ୍ ହେ ଉଲ୍‌ବା! ତୁମେ ପ୍ରସନ୍ନ (ଖୁସି) ହୋଇଯାଅ । ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି । ତୁମର ନାମକୁ ସେହି ଲୋକମାନଙ୍କ ମଧ୍ୟରେ ଉଲ୍ଲିଖିତ କରି ଦିଆଯାଇଛି ଯେଉଁମାନଙ୍କର ସଦ୍‌କା (ଦାନ)କୁ ସ୍ୱୀକାର କରି ନିଆଯାଇଛି ।" **(ଅସ୍ ସିରତୁନ୍ ନବୱିୟାହ୍, ଲିଇବ୍‌ନି କସିର୍, ଗ୍ରନ୍ଥଖଣ୍ଡ-4, ପୃ-9, ଜିକ୍ରୁ ଗଜ୍‌ୱା ତୁବୁକ୍..........ଦାରୁଲ୍ ମାଆରିଫ୍, ବୈରୁତ୍, 1976 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-463-464, ବଜ୍‌ମେ ଇକବାଲ୍ ଲାହୋର୍)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଓଃ କି ସୁନ୍ଦର, ଅନନ୍ୟ ନିଷ୍ଠା ଓ ବଳିଦାନର ଉତ୍ସାହ? ଅଲ୍ଲାଃତାଲା ଯେକି ଅନ୍ତର୍ଯାମୀ ଅଟନ୍ତି, ସେ ସମସ୍ତ ପରିସ୍ଥିତି ସହ ଅବଗତ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅଟନ୍ତି ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ମଧ୍ୟ ଉକ୍ତ ଉତ୍ସାହକୁ ସ୍ୱୀକାର କଲେ ଏବଂ ଅଲ୍ଲାଃତାଲା ଏଥି ସଂକ୍ରାନ୍ତରେ ଆଁହଜରତ୍ ସ.ଅଙ୍କୁ ମଧ୍ୟ ଅବଗତ କରିଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତ୍ୟବସରରେ ମହିଳାମାନେ ମଧ୍ୟ ପଛାଇ ନଥିଲେ । ସେମାନେ ଉକ୍ତ ଯୁଦ୍ଧ ପାଇଁ ପ୍ରସ୍ତୁତି ହେବା ନିମନ୍ତେ ନିଜର ଆଭୁଷଣ ତଥା ଅଳଂକାର ଇତ୍ୟାଦି ଉପସ୍ଥାପିତ କରି ଦେଇଥିଲେ । ସୁତରାଂ ହ. ଉମ୍ମେ ସିନାନ୍ ଅସ୍‌ଲମିୟାହ୍ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ଆଏଶା ର.ଅଙ୍କ ଘରେ ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ଏକ ବସ୍ତ୍ର ବିଛୁରିତ ହୋଇଥିବାର ଦେଖିଲି । ସେହି ବସ୍ତ୍ରରେ ସୁଗନ୍ଧ (ଅତର), ବାହୁରେ ପରିଧାନ କରାଯାଉଥିବା ଅଳଂକାର, କଙ୍କଣ (ଚୁଡ଼ି), ମୁଦି ଓ ପାଉଞ୍ଜି ମଧ୍ୟ ରହିଥିଲା । ଏହି ସମସ୍ତ ଅଳଂକାରକୁ ମହିଳାମାନେ ଜିହାଦ୍‌ର ପ୍ରସ୍ତୁତି ନିମନ୍ତେ ଦେଇଥିଲେ । **(କିତାବୁଲ୍ ମୁଗାଜି, ଗ୍ରନ୍ଥଖଣ୍ଡ-2ᵃ, ପୃ-380-381, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍. 2013 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଗୋଟିଏ ପଟେ ନୈଷ୍ଠିକ ବ୍ୟକ୍ତି ଓ ବିଶ୍ୱାସୀମାନଙ୍କର ଏହି ଅବସ୍ଥା ରହିଥିଲା । ଅନ୍ୟ ପଟରେ ଇତ୍ୟବସରରେ କପଟବିଶ୍ୱାସୀମାନେ ମଧ୍ୟ ନିଜର ସକଳ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିଥିଲେ। ଗୋଟିଏ ପାର୍ଶ୍ୱରୁ କହିବାକୁ ଗଲେ କପଟବିଶ୍ୱାସୀମାନଙ୍କ ପକ୍ଷରୁ ଏହା ଶେଷ ଯୋଜନା ଥିଲା ଏବଂ ଶେଷ ଷଡ଼ଯନ୍ତ୍ର ଥିଲା । କପଟବିଶ୍ୱାସୀମାନଙ୍କୁ ନିଜର ଯୋଜନା ଏବଂ ସଫଳତା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଥିଲା । ସେମାନେ ଏହି ବିଶ୍ୱାସ ଉପରେ ଅଟଳ ରହିଥିଲେ ଯେ, ମୁସଲମାନମାନେ ସିରୀୟା ଆଡ଼କୁ ସେହି ଦୀର୍ଘ ଯାତ୍ରାରେ ବାହାରିକି ରହିବେ ଏବଂ ଏହି ପୈଶାଚିକ (ସୈତାନୀୟ) ବିଶ୍ୱାସ ଉପରେ ମଧ୍ୟ ଅଟଳ ରହିଥିଲେ ଯେ, ନାଉଜୁବିଲ୍ଲାଃ ଆଁହଜରତ ମଦିନା ଆସି ପାରିବେ ନାହିଁ । ତେଣୁ ବର୍ତ୍ତମାନ ସେମାନଙ୍କର ପୂର୍ଣ୍ଣ ପ୍ରୟାସ ଏହା ରହିଥିଲା ଯେ, ମୁସଲମାନମାନେ ଅନ୍ତତଃ ଆପଣ ସ.ଅଙ୍କ ବାହାରନ୍ତୁ ଓ ସେମାନଙ୍କ ଧାରଣା ଅନୁଯାୟୀ ମୁସଲମାନମାନଙ୍କର ସଂଖ୍ୟା ଯେତେ କମ୍ ହୋଇଯିବ ସୈନ୍ୟବାହିନୀର ସଂଖ୍ୟା ହ୍ରାସ ଓ କ୍ଷୁଦ୍ର ହୋଇଯିବ । ସେହି ସୈନ୍ୟବାହିନୀକୁ ପରାସ୍ତ କରିବା ସମ୍ଭବପର ହେବ । ତେଣୁ ସେମାନେ ବର୍ତ୍ତମାନିକ ପରିସ୍ଥିତିର ଅଭାବ ତଥା ଯାତ୍ରାର କ୍ଲିଷ୍ଟତା ଏବଂ ସମସ୍ୟାକୁ ବଢେଇ ଚଢେଇ ଉପସ୍ଥାପିତ କରିବା ଆରମ୍ଭ କରିଦେଲେ। ସେମାନେ ମୁସଲମାନମାଙ୍କୁ ଭୟଭୀତ କରାଇବାକୁ ଲାଗିଲେ ।

ସେମାନେ ନାନା ଆଳ କରି ମୁସଲମାନମାନଙ୍କୁ ଉସ୍‌କାଉଥିଲେ ଯେ, ସେମାନେ ସୈନ୍ୟବାହିନୀରେ ସାମିଲ୍ ନହୁଅନ୍ତୁ । ସେହି ବାହାନଗୁଡ଼ିକ ହେଲା, ପ୍ରଚଣ୍ଡ ଗ୍ରୀଷ୍ମ, ଦୀର୍ଘ ଯାତ୍ରା, ସୀମିତ ସଂଖ୍ୟକ ପାଥେୟ ଇତ୍ୟାଦି । ମଦିନାର ଜନସଂଖ୍ୟାର ଅଧିକାଂଶ ଭାଗ ଯେହେତୁ କୃଷିଜୀବି ଥିଲା, ସେମାନଙ୍କର ଫସଲ୍ ପାଚି ପ୍ରସ୍ତୁତ ହୋଇ ସାରିଥିଲା ଏବଂ ଏହି ଫସଲଗୁଡ଼ିକ ଦୁର୍ଭିକ୍ଷ ଦିନମାନଙ୍କରେ ପ୍ରସ୍ତୁତ ହୋଇଥିଲା । ପୁନଶ୍ଚ ମଦିନାରେ ସ୍ଥାନେ ସ୍ଥାନେ ମୁସଲମାନମାନଙ୍କ ସହିତ କପଟବିଶ୍ୱାସୀମାନେ ଏହି କଥାବାର୍ତ୍ତା କରୁଥିଲେ ଯେ, ଆରେ ତୁମେମେମାନଙ୍କୁ ଜଣା ନାହିଁ ଯେ, ବର୍ତ୍ତମାନ ତୁମେମାନେ ଯେଉଁ ସୈନ୍ୟବାହିନୀ ସହିତ ମୁହାଁମୁହିଁ ହେବ ସେମାନେ ବୀର ଯୋଦ୍ଧା ଅଟନ୍ତି। ସେମାନଙ୍କ ସହିତ ଯୁଦ୍ଧ କରିବା କୌଣସି ସହଜ କଥା ନୁହେଁ । ଆମେମାନେ ତୁମମାନଙ୍କୁ ଦେଖୁଅଛୁ ଯେ, ତୁମେମାନେ ସମସ୍ତେ ମରିବ ଅବା ସମସ୍ତେ ସେମାନଙ୍କ ହାତରେ ବନ୍ଦୀ ହୋଇଯିବ ।

ଉପରୋକ୍ତ କଥାସବୁ କପଟବିଶ୍ୱାସୀମାନେ ମୁସଲମାନମାନଙ୍କୁ କହୁଥିଲେ। କପଟବିଶ୍ୱୀସମାନଙ୍କର ଉକ୍ତ ଯୋଜନାର ସର୍ବୋଚ୍ଚ ସ୍ତରୀୟ ନିଷ୍ଠାପର ବିଶ୍ୱାସକାରୀମାନଙ୍କ ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ । କିନ୍ତୁ କେତେକ ଦୁର୍ବଳ ବିଶ୍ୱାସକାରୀମାନଙ୍କ ମନ ଏତେ ଭୟଭୀତ ହୋଇଗଲା ଯେ, ସେମାନେ ଯୁଦ୍ଧକୁ ନଯିବା ନିମନ୍ତେ ନାନା ଆଳ ବା ବାହାନା ତଥା କ୍ଷମାଯାଚନା ଉପସ୍ଥାପିତ କରିବାକୁ ଲାଗିଲେ । ଅତଏବ୍ ଏପରି ବାହାନା କରୁଥିବା ଲୋକମାନଙ୍କ ମଧ୍ୟରୁ ଅନେକ ଲୋକ କପଟବିଶ୍ୱାସୀମାନେ ହିଁ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କପଟ ବିଶ୍ୱାସୀମାନଙ୍କର ଯୁଦ୍ଧକୁ ନଯିବାର ବାହାନା ତଥା ପଛରେ ରହିଯିବାର ଚର୍ଚ୍ଚା ଏହିପରି କରିଛି ଯେ, فَرِحَ الْمُخَلَّفُوْنَ بِمَقْعَدِهِمْ خِلٰفَ رَسُوْلِ اللّٰهِ وَكَرِهُوْٓا اَنْ يُّجَاهِدُوْا بِاَمْوَالِهِمْ وَاَنْفُسِهِمْ فِيْ سَبِيْلِ اللّٰهِ وَقَالُوْا لَا تَنْفِرُوْا فِي الْحَرِّ ط قُلْ نَارُ جَهَنَّمَ اَشَدُّ حَرًّا ط لَوْ كَانُوْا يَفْقَهُوْنَ۔ فَلْيَضْحَكُوْا قَلِيْلًا وَّلْيَبْكُوْا كَثِيْرًا ۚ جَزَآءًۢ بِمَا كَانُوْا يَكْسِبُوْنَ۔

**(ଅତ୍ ତୌବା: 81-82)**

**ଅନୁବାଦ :** ଅର୍ଥାତ୍ ଯେଉଁ କପଟବିଶ୍ୱାସୀମାନେ ଜିହାଦ୍‌କୁ ନଯାଇ ପଛରେ ରହି ଯାଇଥିଲେ ସେମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କର ବିରୁଦ୍ଧାଚରଣ କରି ସ୍ୱସ୍ଥାନରେ ବସି ରହିବାର ଅନନ୍ଦିତ ହେଉଛନ୍ତି ଏବଂ ସେମାନେ ନିଜ ଜୀବନ ଓ ନିଜ ଧନ ଦ୍ୱାରା ଜିହାଦ୍ କରିବାକୁ ଖରାପ୍ ବୋଲି ମନେ କରିଥିଲେ ଏବଂ ସେମାନେ ପରସ୍ପରକୁ କହୁଥିଲେ, "ଏପରି ପ୍ରଖର ଉତ୍ତାପ ସମୟରେ ଯୁଦ୍ଧ କରିବା ପାଇଁ ବାହାର ନାହିଁ ।" ତୁମ୍ଭେ ସେମାନଙ୍କୁ କୁହ କି ନର୍କର ଅଗ୍ନି ଏହି ଉତ୍ତାପ ଅପେକ୍ଷା ଅଧିକ ତୀବ୍ର ଅଟେ। ଆହା ! ସେମାନେ ବୁଝିପାରନ୍ତେ କି ? ସୁତରାଂ ସେମାନେ ନିଜର ଏହି ପ୍ରତାରଣା ଯୋଗୁଁ ଅଳ୍ପ ହସିବା ଓ ନିଜ କର୍ମର ପ୍ରତିଫଳ ଯୋଗୁଁ ଅଧିକ କାନ୍ଦିବା ଉଚିତ୍ ।

لَوْ كَانَ عَرَضًا قَرِيْبًا وَّسَفَرًا قَاصِدًا لَّاتَّبَعُوْكَ وَلٰكِنْۢ بَعُدَتْ عَلَيْهِمُ الشُّقَّةُ ط وَسَيَحْلِفُوْنَ بِاللّٰهِ لَوِ اسْتَطَعْنَا لَخَرَجْنَا مَعَكُمْ ۚ يُهْلِكُوْنَ اَنْفُسَهُمْ ۚ وَاللّٰهُ يَعْلَمُ اِنَّهُمْ لَكٰذِبُوْنَ۔ عَفَا اللّٰهُ عَنْكَ ۚ لِمَ اَذِنْتَ لَهُمْ حَتّٰى يَتَبَيَّنَ لَكَ الَّذِيْنَ صَدَقُوْا وَتَعْلَمَ الْكٰذِبِيْنَ۔ لَا يَسْتَاْذِنُكَ الَّذِيْنَ يُؤْمِنُوْنَ بِاللّٰهِ وَالْيَوْمِ الْاٰخِرِ اَنْ يُّجَاهِدُوْا بِاَمْوَالِهِمْ وَاَنْفُسِهِمْ ط وَاللّٰهُ عَلِيْمٌۢ بِالْمُتَّقِيْنَ۔ اِنَّمَا يَسْتَاْذِنُكَ الَّذِيْنَ لَا يُؤْمِنُوْنَ بِاللّٰهِ وَالْيَوْمِ الْاٰخِرِ وَارْتَابَتْ قُلُوْبُهُمْ فَهُمْ فِيْ رَيْبِهِمْ يَتَرَدَّدُوْنَ۔ وَلَوْ اَرَادُوا الْخُرُوْجَ لَاَعَدُّوْا لَهٗ عُدَّةً وَّلٰكِنْ كَرِهَ اللّٰهُ انْۢبِعَاثَهُمْ فَثَبَّطَهُمْ وَقِيْلَ اقْعُدُوْا مَعَ الْقٰعِدِيْنَ۔ لَوْ خَرَجُوْا فِيْكُمْ مَّا زَادُوْكُمْ اِلَّا خَبَالًا وَّلَاَاوْضَعُوْا خِلٰلَكُمْ يَبْغُوْنَكُمُ الْفِتْنَةَ ۚ وَفِيْكُمْ سَمّٰعُوْنَ لَهُمْ ط وَاللّٰهُ عَلِيْمٌۢ بِالظّٰلِمِيْنَ۔ لَقَدِ ابْتَغَوُا الْفِتْنَةَ مِنْ قَبْلُ وَقَلَّبُوْا لَكَ الْاُمُوْرَ حَتّٰى جَآءَ الْحَقُّ وَظَهَرَ اَمْرُ اللّٰهِ وَهُمْ كٰرِهُوْنَ۔ **(ଅତ୍ ତୌବା: 42-48)**

**ଅନୁବାଦ :** ଅର୍ଥାତ୍ ଯଦି ଶୀଘ୍ର ଲାଭ ମିଳିବାର ଥାନ୍ତା ବା ଯାତ୍ରା ଅଳ୍ପ ଦୂର ହୋଇଥାଆନ୍ତା ତେବେ ସେ ଲୋକମାନେ ତୁମର ଅନୁଗମନ କରିଥାଆନ୍ତେ । କିନ୍ତୁ ଯାତ୍ରା ସେମାନଙ୍କୁ ସୁଦୂର ବୋଲି ମନେ ହେଲା । କିନ୍ତୁ ଏବେ ତୁମ୍ଭର ପ୍ରତ୍ୟାବର୍ତ୍ତନ ପରେ ସେମାନେ ଅଲ୍ଲାଃତାଲାଙ୍କ ନାମରେ ଶପଥପୂର୍ବକ କହିବେ, ଯଦି ଆମେମାନେ ସମର୍ଥ ହୋଇଥାଆନ୍ତୁ ତେବେ ଆମ୍ଭେମାନେ ନିଶ୍ଚୟ ତୁମ୍ଭ ସହିତ ଯାଇଥାଆନ୍ତୁ । ଏମାନେ ନିଜ ଜୀବନକୁ ବିନାଶ (ନଷ୍ଟ) କରୁଛନ୍ତି ଏବଂ ଅଲ୍ଲାଃତାଲା ଜାଣନ୍ତି ଯେ, ଏମାନେ ମିଥ୍ୟାବାଦୀ ।

ଅଲ୍ଲାଃ ତୁମ୍ଭ ତ୍ରୁଟିର କୁପ୍ରଭାବକୁ ଲୋପ କରିଦେଲେ ଏବଂ ତୁମ୍ଭକୁ ସମ୍ମାନିତ କଲେ। କିନ୍ତୁ ତୁମ୍ଭ ନିକଟରେ ସତ୍ୟବାଦୀମାନେ ପ୍ରକାଶିତ ନହେବା ପର୍ଯ୍ୟନ୍ତ ଓ ତୁମ୍ଭେ ମିଥ୍ୟାବାଦୀମାନଙ୍କୁ ନ ଜାଣିବା ପର୍ଯ୍ୟନ୍ତ ତୁମ୍ଭେ କାହିଁକି ସେମାନଙ୍କୁ ପଛରେ ରହିବା ପାଇଁ ଅନୁମତି ପ୍ରଦାନ କରି ଦେଇଥିଲ ?

ଯେଉଁମାନେ ଅଲ୍ଲାଃତାଲା ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ କରିଛନ୍ତି ସେମାନେ ନିଜ ଧନ ଓ ଜୀବନ ଦେଇ ଯୁଦ୍ଧ କରିବାରୁ ଅବ୍ୟାହତି ପାଇବା ସକାଶେ ତୁମ୍ଭର ଅନୁମତି ପ୍ରାର୍ଥନା କରନ୍ତି ନାହିଁ ଏବଂ ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିମାନଙ୍କୁ ଭଲ ଭାବରେ ଜାଣନ୍ତି । ଯେଉଁମାନେ ଅଲ୍ଲାଃତାଲା ଏବଂ ଅନ୍ତିମ ଦିବସ ଉପରେ ବିଶ୍ୱାସ କରନ୍ତି ନାହିଁ କେବଳ ସେହିମାନେ ହିଁ ପଛରେ ରହିଯିବା ପାଇଁ ତୁମ୍ଭର ଅନୁମତି ପ୍ରାର୍ଥନା କରନ୍ତି ଏବଂ ସେମାନଙ୍କ ହୃଦୟରେ ସଂଶୟ ସୃଷ୍ଟି ହୋଇଅଛି । ସୁତରାଂ ସେମାନେ ନିଜର ସଂଶୟ ଯୋଗୁଁ ଦୋଦୁଲ୍ୟମାନ (ଦ୍ୱନ୍ଦାବସ୍ଥାରେ) ଅବସ୍ଥାରେ ଅଛନ୍ତି । (ଏବଂ) ଯଦି ସେମାନେ ଯୁଦ୍ଧ ପାଇଁ ଯିବାକୁ ଦୃଢ଼ ଇଚ୍ଛା ପୋଷଣ କରିଥାଆନ୍ତି ତେବେ ସେଥି ପାଇଁ କିଛି ପ୍ରସ୍ତୁତି ମଧ୍ୟ କରିଥାଆନ୍ତି । କିନ୍ତୁ ଅଲ୍ଲାଃତାଲା ଯୁଦ୍ଧ ସକାଶେ ସେମାନଙ୍କ ଯିବାକୁ ପସନ୍ଦ କଲେ ନାହିଁ ।

ସୁତରାଂ ସେମାନଙ୍କୁ ନିଜ ସ୍ଥାନରେ ହିଁ ବସାଇ ଦେଲେ ଓ ସେମାନଙ୍କୁ କୁହାଗଲା (ଅର୍ଥାତ୍ ସେମାନଙ୍କର ଅବିଶ୍ୱାସକାରୀ ବନ୍ଧୁମାନେ କହିଲେ) ଯେ, ତୁମେମାନେ ବସିବା ଲୋକମାନଙ୍କ ସହିତ ବସିଯାଅ । ଯଦି ସେମାନେ ତୁମମାନଙ୍କ ସହିତ ସମ୍ମିଳିତ ହୋଇଯାଇଥାଆନ୍ତେ ତେବେ ଅସୁବିଧା ସୃଷ୍ଟି କରିବା ଛଡ଼ା ତୁମ୍ଭମାନଙ୍କର କିଛି ସାହାଯ୍ୟ କରି ନଥାଆନ୍ତେ ଏବଂ ସେମାନେ ତୁମମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଖୁବ୍ ଧାଁ ଧପଡ଼ କରିଥାଆନ୍ତେ ଓ ତୁମମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଇଚ୍ଛା କରିଥାଆନ୍ତେ ଏବଂ ତୁମମାନଙ୍କ ମଧ୍ୟରେ ଏପରି କେତେକ ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନେ ସେମାନଙ୍କୁ ଖବର ପହଞ୍ଚାଇବା ପାଇଁ ତୁମମାନଙ୍କ କଥା ଶୁଣିଥାନ୍ତି ଏବଂ ଅଲ୍ଲାଃତାଲା ଅତ୍ୟାଚାରୀମାନଙ୍କୁ ଭଲ ଭାବରେ ଜାଣନ୍ତି । ସେମାନେ ଏହା ପୂର୍ବରୁ ମଧ୍ୟ ବିଶୃଙ୍ଖଳିତା ସୃଷ୍ଟି କରିବା ପାଇଁ ଇଚ୍ଛା କରିଥିଲେ ଏବଂ ତୁମ୍ଭ ସକାଶେ ପରିସ୍ଥିତିକୁ ବିଭିନ୍ନ ପ୍ରକାରର ପରିବର୍ତ୍ତନ କରିଥିଲେ । ଏପରିକି ସତ୍ୟର ଆଗମନ ହେଲା ଓ ଅଲ୍ଲାଃତାଲାଙ୍କର ନିଷ୍ପତ୍ତି ପ୍ରକାଶିତ ହେଲା ଏବଂ ସେମାନେ ଏହି ନିଷ୍ପତ୍ତିକୁ ପସନ୍ଦ କରୁ ନଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ କପଟବିଶ୍ୱାସୀମାନଙ୍କର ଉକ୍ତ ଅବସ୍ଥାକୁ ଖୋଲି ବର୍ଣ୍ଣନା କରି ଦେଇଛନ୍ତି ଏବଂ ଆଁହଜରତ ସ.ଅ କହିଲେ, ହେ ମୁହମ୍ମଦ୍ ସ.ଅ !

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ- ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ତୁମ୍ଭେ ସେମାନଙ୍କର ମିଛ ବାହାନାକୁ ସ୍ୱୀକାର କରିନେଲ । ଯଦି ତୁମ୍ଭେ ସେମାନଙ୍କର ମିଛ ବାହାନାକୁ ସ୍ୱୀକାର କରି ନଥାଆନ୍ତ ଏବଂ ସେମାନଙ୍କୁ ଅନୁମତି ଦେଇ ନଥାଆନ୍ତ ତେବେ ସେମାନଙ୍କ କପଟତା ସମସ୍ତଙ୍କ ସମ୍ମୁଖରେ ଅବଶ୍ୟ ପରିପ୍ରକାଶିତ ହୋଇ ଯାଇଥାଆନ୍ତା । ସେ ଯେହେଉ ସେହି କପଟବିଶ୍ୱାସୀମାନେ ଯୁଦ୍ଧରେ ଯାଇ ନଥାଆନ୍ତେ । କିନ୍ତୁ ଅଲ୍ଲାଃତାଲା କୁହନ୍ତି, ସେମାନଙ୍କର ଯୁଦ୍ଧକୁ ନଯିବାଟା ଉତ୍ତମ ଅଟେ। କାରଣ ଯଦି କୌଣସି କାରଣ ବଶତଃ ସେମାନେ ଯୁଦ୍ଧକୁ ଚାଲି ଯାଇଥାଆନ୍ତେ ତେବେ ମଧ୍ୟ ସେମାନେ ଯୁଦ୍ଧ ସମୟରେ ଏପରି ଆଚରଣ ପ୍ରଦର୍ଶନ କରିଥାଆନ୍ତେ ଯଦ୍ୱାରାକି ମୁସଲମାନମାନଙ୍କୁ କ୍ଷତି ପହଞ୍ଚିଥାଆନ୍ତା । ସେ ଯାହା ହେଉ ସେହି କପଟବିଶ୍ୱାସୀମାନଙ୍କର ଇଚ୍ଛାନୁଯାୟୀ ଫଳାଫଳ ବାହାରିଲା ନାହିଁ । **(ଅଲ୍ ଲୁଉଲୁଉଲ୍ ମକନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-୯ ପୃ-461-462, ମକ୍ତବା ଦାରୁସ୍ ସଲାମ୍)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-୯, ପୃ-474, ବଜ୍ମେ ଇକ୍ବାଲ୍ ଲାହୋର୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର ଅବଶିଷ୍ଟାଂଶ **ଇନ୍ଶାଅଲ୍ଲାଃ** ଆସନ୍ତା ଖୁତ୍ବରେ ମୁଁ ବର୍ଣ୍ଣନା କରିବି । ବିଗତ ଖୁତ୍ବାରେ ମୁଁ ରବ୍ୱାର ମସ୍ଜିଦ୍ ଉପରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣର ଚର୍ଚ୍ଚା କରୁଥିଲି । ସେହି ଆକ୍ରମଣରେ ଯେଉଁ ଖୁଦ୍ଦାମ୍ମାନେ ଆହତ ହୋଇଥିଲେ ସେମାନଙ୍କ ନିମନ୍ତେ ମଧ୍ୟ ଆପଣମାନେ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଆଶୁ ଆରାଗ୍ୟ ଲାଭ ପ୍ରଦାନ କରନ୍ତୁ । **ଆମିନ୍** । ସେମାନଙ୍କୁ ପ୍ରତ୍ୟେକ ପ୍ରକାରର କ୍ଲୀଷ୍ଟତାରୁ ସୁରକ୍ଷିତ ରଖନ୍ତୁ । **ଆମିନ** ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ପ୍ରକାରର ଯେଉଁ ଘଟଣା ଘଟିଥାଏ, ଘଟଣା ପରବର୍ତ୍ତୀ ପ୍ରଭାବ ମଧ୍ୟ ପ୍ରକଟିତ ହୋଇଥାଏ । ବର୍ତ୍ତମାନ 3ଜଣ ଖୁଦ୍ଦାମ୍ ଅତ୍ୟନ୍ତ ଗୁରୁତର ଭାବରେ ଆହତ ହୋଇଛନ୍ତି ଏବଂ ଏହି କାରଣରୁ ହସ୍ପିଟାଲରେ ମଧ୍ୟ ସେମାନେ ଏଯାବତ୍ ଚିକିତ୍ସାଧୀନ ଅଛନ୍ତି ଏବଂ ଅନ୍ୟ 5 ଜଣ ଖୁଦ୍ଦାମ୍ଙ୍କର ପ୍ରାଥମିକ ଚକିତ୍ସା କରାଯାଇ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି । କିନ୍ତୁ ଏବେ ବି ସେମାନଙ୍କ ଚିକିତ୍ସା ଚାଲିଛି । ଆହତମାନଙ୍କୁ ଠିକ୍ ହେବା ପାଇଁ ଆହୁରି ସମୟ ଲାଗିବ । ଅଲ୍ଲାଃତାଲା ସମସ୍ତ ଚିକିତ୍ସିତ ଆହତମାନଙ୍କୁ ସଂପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରନ୍ତୁ ଏବଂ ଭବିଷ୍ୟତରେ ପ୍ରତ୍ୟେକ ପ୍ରକାରର କ୍ଷୟକ୍ଷତିରୁ ଜମାଅତ୍ର ପ୍ରତ୍ୟେକ ସଦସ୍ୟବୃନ୍ଦଙ୍କୁ ସୁରକ୍ଷିତ ରଖନ୍ତୁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ନମାଜ ପରେ ମୁଁ କେତେକ ମୃତକ, ମୃତକାମାନଙ୍କର ନମାଜ୍ ଯନାଜାଃ ପାଠ କରାଇବି । ସେହି ମୃତକମାନଙ୍କ ମଧ୍ୟରୁ ପ୍ରଥମ ମୃତକ ହେଲେ ମାର୍ଶଲ ଆଇଲ୍ୟାଣ୍ଡ୍ର ଶ୍ରୀଯୁକ୍ତ ସାମ୍ ଅଲୀ ନିନା ସାହେବଙ୍କର । ବିଗତ ଦିନ ୪3 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । انا للّٰہ وانا الیہ راجعون । ସ୍ୱର୍ଗତଙ୍କର ଇସ୍ଲାମ୍ ଧର୍ମ ସହିତ ପ୍ରଥମ ପରିଚୟ ମୁବଲ୍ଲିଗ୍ ସିଲ୍ସିଲା ହାଫିଜ୍ ଜିବ୍ରାଇଲ୍ ସଇଦ୍ ସାହେବଙ୍କ ତବଲିଗ୍ ବଳରେ 1୯୪0 ଦଶକରେ ହୋଏଇଥିଲା । ସେତେବେଳେ ସ୍ୱର୍ଗତ ମହୋଦୟ ଇସ୍ଲାମ୍ ଧର୍ମ ସ୍ୱୀକାର କରିନେଲେ, ତତ୍ସହିତ ଅହଦମିୟତ୍ ମଧ୍ୟ ସ୍ୱୀକାର କରିନେଲେ । ଅହମଦିୟତ୍ ସ୍ୱୀକାର କରିବା ଫଳରେ ସ୍ୱର୍ଗତଙ୍କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ଅତ୍ୟନ୍ତ ଅବିଚଳତାର ସହିତ ଆପଣ ନିଜ ବିଶ୍ୱାସରେ ଅଟଳ ରହିଲେ ।

ଜନୈକ ସେନିଟର (ସାଂସଦ) ସଂସଦରେ ଇସ୍ଲାମ୍ ଧର୍ମକୁ ବେଆଇନ୍ ଏବଂ ଆତଙ୍କବାଦ ସଂଶ୍ଳୀଷ୍ଟ ଧର୍ମ ବୋଲି ଯେତେବେଳେ ବେବେଚନା କଲେ ସେତେବେଳେ ଆପଣ ଅତ୍ୟନ୍ତ ସାହାସକିତାର ସହିତ ସ୍ଥାନୀୟ ସମ୍ବାଦପାତ୍ରରେ ଆଲେଖ୍ୟମୂଳକ ସନ୍ଦେଶ ପ୍ରକାଶିତ କଲେ ଯେ, ଆମେମାନେ ଅହମଦି ମୁସଲମାନ ଅଟୁ ଏବଂ ଆତଙ୍କବାଦୀମାନଙ୍କ ସହିତ ଆମର କୌଣସି ସଂପର୍କ ନାହିଁ । ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟଙ୍କର ଏହି ସାହସିକତାପୂର୍ଣ୍ଣ ସନ୍ଦେଶ ଜମାଅତ୍କୁ ଶକ୍ତି ପ୍ରଦାନ କରିବାର କାରଣ ସାଜିଥିଲା । ସେହି ସଂସଦ ଜଣକ ଏହି ଉଦ୍ୟମ କରିଥିଲା କି ଆଇନ୍ ପାରିତ କରାଇନେବ । କିନ୍ତୁ ସେ ଯାହା ହେଉ ସ୍ୱର୍ଗତ ମହୋଦୟଙ୍କ ଉଦ୍ୟମ ବଳରେ ସେହି ସାଂସଦ ଜଣକ ଏପରି କରି ପାରିଲା ନାହିଁ । ସ୍ୱର୍ଗତ ସ୍ଥାନୀୟ ସମାଜରେ ଜଣ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ରୂପେ ଜଣାଶୁଣା ଅଟନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆମେରିକାର ନାଏବ୍ ଅମୀର ଫଲାହୁଦ୍ଦୀନ ଶମ୍ସ୍ ସାହେବ କୁହନ୍ତି ଯେ, ମୋତେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାର୍ଶଲ୍ ଆଇଲ୍ୟାଣ୍ଡ୍ରେ କାମ କରିବାର ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ସେଠାକୁ ମୁଁ ଯାଉଥିଲି । କାରଣ ଏହି ଉପଦ୍ୱୀପ ଆମେରିକା ଅଧିକୃତ ଥିଲା । ସାମ୍ ସାହେବ ହାଫିଜ୍ ଜିବ୍ରାଇଲ୍ ସାହେବଙ୍କର ମାଧ୍ୟମରେ ଅହମଦି ହୋଇଥିଲେ । ପ୍ରାରମ୍ଭିକ କାଳରେ ଚାରି ପାଞ୍ଚଟି ଘର ଅହମଦି ଥିଲେ ଏବଂ ଜମାଅତ୍ ବହୁତ ଛୋଟ ଥିଲା । ଜମାଅତ୍ ପଞ୍ଜିକୃତ ମଧ୍ୟ ନଥିଲା । କିନ୍ତୁ ଅତ୍ୟନ୍ତ ପରିଶ୍ରମ ସହାକରେ ହାଫିଜ୍ ସାହେବଙ୍କର ଏବଂ ତାଙ୍କ ଉଦ୍ୟମ ବଳରେ ଜମାଅତ୍ ଅମଦିୟା ସେଠାରେ ପଞ୍ଜିକୃତ ହୋଇଗଲା ।

ହାଫିଜ୍ ସାହେବ ଯେତେବେଳେ ସେଠାରୁ ଫେରି ଆସିଲେ ସେତେବେଳେ ସେଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ କେହି ବି ମୁବଲ୍ଲିଗ୍ ନଥିଲା । ଫଳତଃ ସାମ୍ ସାହେବ ନିଜର ମୃତ୍ୟୁ ପର୍ଯ୍ୟନ୍ତ ସେଠାରେ ଜମାଅତ୍କୁ ସମ୍ଭାଳିଥିଲେ ଏବଂ ତବଲିଗ୍ କରୁଥିଲେ ଆପଣ ସେଠାରେ ଜମାଅତ୍କୁ ମଳିନ ତଥା ନିଷ୍ପ୍ରଭ ହେବାକୁ ଦେଲେ ନାହିଁ । ଅତ୍ୟନ୍ତ ଉତ୍ସାହ ତଥା ଉଷ୍ମତାପୂର୍ଣ୍ଣ ଭାବରେ ଜମାଅତ୍କୁ ସାହାଯ୍ୟ ଓ ସହଯୋଗ କରୁଥିଲେ। ଯେତେବେଳେ ଏଠାରୁ ଅର୍ଥାତ୍ ଲଣ୍ଡନରୁ ପ୍ରତିନିଧ ଦଳ ସେଠାକୁ ଯାଉଥିଲା ସେତେବେଳେ ଆପଣ ସେହି ପ୍ରତିନିଧି ଦଳକୁ ସାହାଯ୍ୟ କରୁଥିଲେ ଏବଂ ପ୍ରତିସ୍ପର୍ଦ୍ଧିତ ଭାବରେ ସ୍ୱର୍ଗତ ମହୋଦୟ ଜମାଅତ୍ର ସେବା କଲେ । ଫଳତଃ ସ୍ୱର୍ଗତ ଶେଷ ପରିଣାମ ମଧ୍ୟ ଉତ୍ତମ ହେଲା ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ମାର୍ଶଲ୍ ଆଇଲ୍ୟାଣ୍ଡ୍ରେ ଜମାଅତ୍ ସ୍ଥାପନ କରିବାରେ ସ୍ୱର୍ଗତ ମହୋଦୟଙ୍କର ସ୍ଥାନ ସର୍ବାଗ୍ରେ ରହିଛି । ଅଧିକାଂଶ ନବଦୀକ୍ଷିତମାନେ ଆପଣଙ୍କ ଉଦ୍ୟମ ଯୋଗୁଁ ଅହମଦି ମୁସଲମାନ ହୋଇଥିଲେ । ଆପଣ ମାର୍ଶଲ ଆଇଲ୍ୟାଣ୍ଡ୍ର ସଦର୍ ଜମାଅତ୍ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଶମ୍ସ୍ ସାହେବ ପୁନଶ୍ଚ କୁହନ୍ତି କୋସରାଏ (Kosrae)ଠାରେ ମିଶନ୍ ହାଉସ୍ ଯେତେବେଳେ ସ୍ଥାପନ କରାଗଲା ସେତେବଳେ ମଧ୍ୟ ସାମ୍ ସାହେବ୍ ମଧ୍ୟ ସାହାଯ୍ୟ କଲେ । ତାଙ୍କର କେତେକ ବନ୍ଧୁ ମଧ୍ୟ ଥିଲେ ସେମାନେ ମଧ୍ୟ ସାମିଲ୍ ହେଲେ ଏବଂ ସେଠାରେ ଅଲ୍ଲାଃତାଲାଙ୍କ କୃପାରୁ ମିଶନ୍ ହାଉସ କିଣାଗଲା ଏବଂ ପ୍ରାସାଦ ନିର୍ମାଣ କରାଗଲା । ସେହିପରି କ୍ରେବାତୀ (Kiribati) ଠାରେ ସ୍ୱର୍ଗତଙ୍କ ମାଧ୍ୟମରେ ମିଶନ ହାଉସ୍ ସ୍ଥାପନ କରାଗଲା । ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ମଧ୍ୟ ମିଶନ୍ ହାଉସ୍ ସ୍ଥାପନ କରିବାରେ ଆପଣ ସହାୟକ ହୋଇଥିଲେ । ଶମ୍ସ୍ ସାହେବ କୁହନ୍ତି ଯେ, ଏକଦା ମୁଁ ସାମ୍ ସାହେବଙ୍କୁ ପଚାରିଲି ଯେ, କ'ଣ କାରଣ ରହିଛି, ଆପଣଙ୍କର କେଉଁ ପୁଣ୍ୟ ରହିଛି ଯେ, ସେହି ପୁଣ୍ୟ ଯୋଗୁଁ ଆପଣଙ୍କୁ ତିନୋଟି ଉପଦ୍ୱୀପରେ ଜମାଅତ୍ ସ୍ଥାପନ କରିବା ଏବଂ କେନ୍ଦ୍ରୀୟ ଭୂମିକା ନିର୍ବାହ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଅତଏବ୍ ସେ ଅତ୍ୟନ୍ତ ବିନୀତତାର ସହିତ କହିଲେ, ଏସବୁ ଅଲ୍ଲାଃତାଲାଙ୍କ ଅସୀମ ଉପକାର ଅଟେ । ମୋର କୌଣସି ଉତ୍କୃଷ୍ଟତା ନୁହେଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ମାର୍ଶଲ ଆଇଲ୍ୟାଣ୍ଡ୍ର ମୁବଲ୍ଲିଗ ସିଲ୍ସିଲା କାସିମ୍ ଚୌଧୁରୀ ସାହେବ କୁହନ୍ତି, ପ୍ରତିବନ୍ଧକ ତଥା ବାଧା ବିଘ୍ନତା ସତ୍ତ୍ୱେ ଆପଣ ନିଜର ବିଶ୍ୱାସରେ ଅବିଚଳ ରହିତିଲେ । ନିଜର ପତ୍ନିଙ୍କ ସହିତ ମିଶି ଆପଣ ବଳିଦାନ ଦେଲେ ଏବଂ ସ୍ୱର୍ଗତଙ୍କ ପତ୍ନିଙ୍କ ବଳିଦାନରୁ ଏକ ଭୂମି ୱକଫ୍ କରାଗଲା । ସ୍ୱର୍ଗତଙ୍କର ପତ୍ନି ନିଜ ଭୂମିର ଏକ ଅଂଶ ଜମାଅତ୍ ପ୍ରଦାନ କଲେ ଯଦ୍ୱାରା ଆଜି ମାର୍ଶଲ୍ ଆଇଲ୍ୟାଣ୍ଡ ଠାରେ ଜମାଅତ୍ର ପ୍ରଥମ ମସ୍ଜିଦ୍ ସ୍ଥାପିତ ହୋଇଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ନିଜସ୍ୱ ଶବ୍ଦ ଇସ୍ଲାମ୍ ଧର୍ମର ଘଟଣା ଏହିପରି ରହିଛି ଯେ, ସ୍ୱର୍ଗତ ମହୋଦୟ କୁହନ୍ତି "1୯୪7 ମସିହାରେ ମୁଁ ଓ ମୋର ପତ୍ନି ନେରୀ ଲଙ୍ଗ୍ ଆଇଲ୍ୟାଣ୍ଡ୍ର ଏକ ହୋଟେଲରେ ଅବସ୍ଥାନ କରିଥିଲୁ। ଦିନେ ସକାଳ ସମୟରେ ମୁଁ ନିଜ ରୁମ୍ରୁ ଯେତେବେଳେ ବାହାରକୁ ବାହାରିଲି ସେତେବେଳେ ଏକ ଲମ୍ବ ଆଫ୍ରିକୀୟ ବ୍ୟକ୍ତିକୁ ମୁଁ ଦେଖିଲି । ମୁଁ ସେହି ବ୍ୟକ୍ତିକୁ ସଲାମ୍ କଲି । ସେ ମଧ୍ୟ ପ୍ରତ୍ୟୁତ୍ତରରେ ସଲାମ୍ କହିଲେ । ଏହିପରି ପରିଚୟ ହେଲା। ଯେତେବେଳେ ଏହା ଜଣାପଡ଼ିଲା ଯେ, ସେ ହାଫିଜ୍ ଜିବ୍ରାଇଲ୍ ସଇଦ୍ ସାହେବ ଅଟନ୍ତି ଯିଏ ମାଇକ୍ରୋନେସିଆର ପ୍ରଥମ ମୁବଲ୍ଲିଗ୍ ଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲ, ସେ ଯାହା ହେଉ ଦେଖା ସାକ୍ଷାତ୍ ହେଉଥିଲା । ସଂପର୍କ ବୃଦ୍ଧି ପାଇଲା । ଜିବ୍ରାଇଲ୍ ସାହେବ ତାଙ୍କୁ ଇସ୍ଲାମ୍ ଧର୍ମର ତବ୍ଲିଗ୍ (ପ୍ରଚାର) କଲେ ଏବଂ ତାଙ୍କୁ ବାଇବେଲ୍ର ଆୟତ୍ ଦେଖାଇଲେ ଏବଂ କହିଲେ, ହ. ଇସା ଅ.ସ୍ (ଯୀଶୁ ଖ୍ରୀଷ୍ଟ)ଙ୍କ ପରେ ବାଇବେଲ୍ରେ ଏକ ଅବତାରଙ୍କ ଆଗମନ ତଥା ଆବିର୍ଭୂତ ହେବା ସଂପର୍କରେ ଶୁଭ ସୂଚନା ପ୍ରଦାନ କରାଯାଇଛି । ମୁଁ ଏକଥା ଶୁଣା ଓ ଜାଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଲି ଯେ, କେବଳ ଗୋଟିଏ ଆୟତ୍ ନୁହେଁ ବରଂ ଅସଂଖ୍ୟ ଆୟତ୍ ଯୀଶୁ ଖ୍ରୀଷ୍ଟଙ୍କ ପରେ ଜଣେ ଅବତାରଙ୍କ ଆଗମନ ସଂପର୍କରେ ଏପରି ରହିଛି। ଏପର୍ଯ୍ୟନ୍ତକି ନୂତନ ଅହଦ୍ ନାମାରେ ହ. ଇସା ଅ.ସ ସ୍ୱୟଂ **16: John7**ରେ କୁହନ୍ତି: "ମୋତେ ଯିବାର ଅଛି ଏବଂ ସେ (ଅଲ୍ଲାଃତାଲା) ମୋ ପରେ ଅନ୍ୟ ଜଣେ ବ୍ୟକ୍ତିକୁ ପ୍ରେରଣ କରିଦେଲେ । ସେ କୁହନ୍ତି ଯେ, ଏହା ସେହି ସତ୍ୟତା ଥିଲା ଯାହାକୁ ମୁଁ ପୂର୍ବେ କେବେ ବିଁ ଶୁଣି ନଥିଲି ଏବଂ ହାଫିଜ୍ ସାହେବ ମୋତେ ଅତ୍ୟନ୍ତ ସ୍ପଷ୍ଟତାର ସହିତ କହିଛନ୍ତି । ହୁଜୁର ଅନ୍ୱର୍ ଅ.ବ କହିଲେ, ପ୍ରତ୍ୟେକ କଥା ହାଫିଜ୍ ସାହେବ ବାଇବେଲ୍ରୁ କହୁଥିଲେ ଏବଂ ପରିଶେଷରେ ଅଲ୍ଲାଃତାଲା ମୋତେ ସତ୍ମାର୍ଗ ପ୍ରଦାନ କଲେ, ମୁଁ ସତ୍ୟକୁ ଯେତେବେଳେ ଦେଖିଲି ସେତେବେଳେ ମୋର ହୃଦୟ ଇସ୍ଲାମ୍ ଧର୍ମ ଆଡ଼କୁ ଆକର୍ଷିତ ହୋଇଗଲା ଏବଂ ମୁଁ ଇସ୍ଲାମ୍ ଧର୍ମ ସ୍ୱୀକାର କରିନେଲି । ଇତି ମଧ୍ୟରେ ମୋର ଇସ୍ଲାମ୍ ଧର୍ମ ସ୍ୱୀକାର ସଂପର୍କରେ ସୂଚନା ଯେତେବେଳେ ଲୋକମାନେ ଜାଣିବାକୁ ପାଇଲେ ସେତେବେଳେ ସରକାରୀ ଅଫିସର୍ମାନେ କହିଲେ, ମହୋଦୟ ଆମ୍ଭେମାନେ ଇସ୍ଲାମ୍ ଧର୍ମକୁ ମାର୍ଶଲ୍ ଆଇଲ୍ୟାଣ୍ଡ୍ରେ ବିସ୍ତାରିତ ହେବାକୁ ଦେବୁ ନାହିଁ । ଫଳତଃ ମୁଁ ହାଫିଜ୍ ସାହେବଙ୍କୁ ଫୋନ୍ କଲି । ସେ ସେତେବେଳକୁ ସେଠାରୁ ଯାଇ ସାରିଥିଲେ । ସେ କହିଲେ, ମହୋଦୟ ଆପଣ ଆଦୌ ଚିନ୍ତିତ ହୁଅନ୍ତୁ ନାହିଁ। ଅଲ୍ଲାଃତାଲା ମାର୍ଗ ଉନ୍ମୁକ୍ତ କରିଦେବେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟ କୁହନ୍ତି, ତତ୍ପରେ ଅଲ୍ଲାଃତାଲା ଏପରି ମାର୍ଗ ଉନ୍ମୁକ୍ତ କଲେ ଯେ, ଦିନେ ମୁଁ ଘରେ ବସିଥିଲି, ଜଣେ ବ୍ୟକ୍ତି ଆଟର୍ନି ଜେନେରାଲ୍ କାର୍ଯ୍ୟାଳୟରୁ ମୋ ପାଖକୁ ଆସିଲା ଏବଂ ସେ ମୋତେ କହିବାକୁ ଲାଗିଲା ଯେ, ଆପଣ ଜମାଅତ୍ର ପଞ୍ଜିକରଣ ସ୍ୱୀକୃତ ହୋଇଯାଇଛି । ମହୋଦୟ କୁହନ୍ତି ଯେ, କେଉଁଠି ସେହି ଅଫିସରମାନେ ଯେଉଁମାନେ ଜମାଅତ୍ ତଥା ଇସ୍ଲାମ୍ ଧର୍ମକୁ ଅଟକାଇବାକୁ ଧମକ ଦେଉଥିଲେ ଆଉ **(ଅବଶିଷ୍ଟାଂଶ.....ପୃ-10ରେ)**

## ପୃ-୨ରେ ବର୍ଣ୍ଣିତ ଖୁତ୍‌ବା ଜୁମା-17-10-2025ର ଅବଶିଷ୍ଟାଂଶ....

କେଉଁଠି ଅଲ୍ଲାଃତାଲା ଏପରି ବ୍ୟବସ୍ଥା କରିଦେଲେ ଯେ, ଅଲ୍ଲାଃତାଲା ସ୍ୱୟଂ ଏପରି ବ୍ୟବସ୍ଥା କରିଦେଲେ ଯେ, ରେଜିଷ୍ଟ୍ରେସନ୍‌ର ସ୍ୱୀକୃତିର ସାଧନ ମଧ୍ୟ ଅଲ୍ଲାଃତାଲା ନିଜେ ବ୍ୟବସ୍ଥା କରିଦେଲେ ଓ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ମଧ୍ୟ ସ୍ୱର୍ଗତଙ୍କ ଘରେ ପହଞ୍ଚିଗଲା। ସ୍ୱର୍ଗତ ମହୋଦୟ କୁହନ୍ତି: ''ମୁଁ ତୁରନ୍ତ ସେହି ରେଜିଷ୍ଟ୍ରସନ୍‌ର ଏକ କିତା ନକଲ ହାଫିଜ୍ ସାହେବଙ୍କୁ ପ୍ରେରଣ କରିଦେଲି । ସେ ଯାହା ହେଉ ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ମୁଁ ବୁଝିନେଲି ଯେ, ଅହମଦିୟତ୍ ଅନ୍ୟ ମୁସଲମାନମାନଙ୍କ ଠାରୁ ଅନନ୍ୟ ଅଟେ । ମୁଁ ଅହମଦିୟତ୍ ଉପରେ ଗର୍ବିତ ଓ ଅହମଦିୟତ୍‌ରେ ପ୍ରବିଷ୍ଟ ହୋଇଥିବା ହେତୁ ମୁଁ ଗର୍ବିତ ଅଟେ । ମୋ ମନରେ ସର୍ବଦା ଗୋଟିଏ ସ୍ୱର ଉଠୁଥିଲା। ଅର୍ଥାତ୍ ମୁଁ ଅହମଦି ମୁସଲମାନେ ଅଟେ ଏବଂ ଅହମଦି ହେବା ଯୋଗୁଁ ମୁଁ ଗର୍ବ ଭାବ ପ୍ରକାଶ କରୁଥିଲି । ଦୀର୍ଘ 20 ବର୍ଷ ପର୍ଯ୍ୟନ୍ତ ଏଠାକୁ କୌଣସି ମୁବଲ୍ଲିଗ୍ ଆସି ନାହାନ୍ତି। ମୁଁ ଅତ୍ୟନ୍ତ ଚିନ୍ତିତ ଥିଲି । ହାଫିଜ୍ ସାହେବ କହିଲେ, ଆପଣ ଉପସ୍ଥିତ ଖଲିଫାଙ୍କୁ ପତ୍ର ଲେଖୁଥାଆନ୍ତୁ ତେବେ କୌଣସି ନା କୌଣସି ବ୍ୟବସ୍ଥା ଓ ସମାଧାନ ଅବଶ୍ୟ ହୋଇଯିବ । ସେ ଯାହା ହେଉ 2004 ମସିହାରେ ମୋତେ ମର୍କଜରୁ ମାର୍ଗଦର୍ଶିକା ପ୍ରାପ୍ତ ହେଲା ଯେ, ଜଣେ ଅଜ୍ଞାତ ବ୍ୟକ୍ତି ଆସୁଛନ୍ତି । ଆପଣ ତାଙ୍କୁ ବିମାନ ବନ୍ଦରରୁ ପାଛୋଟି ନିଅନ୍ତୁ। ଅତଏବ୍ ସ୍ୱର୍ଗତ ମହୋଦୟ କୁହନ୍ତି ଯେ,"ମୁଁ ବିମାନ ବନ୍ଦରକୁ ଗଲି। ତେବେ କିଛି ସମୟର ପରେ ଜନୈକ ସାହାବି ସ୍ମିତହାସ୍ୟ ପ୍ରକାଶ କରି ବାହାରକୁ ଆସିଲେ ଏବଂ ମୋ ନାଁ ପଚାରିଲେ । ମୁଁ କହିଲି, ଆଜ୍ଞା ମୋର ନାମ ସାମ୍ ଅଟେ । ସେ ଉତ୍ତର ଦେଲେ ଯେ, ମୋର ନାମ କୌସର୍ ଅଟେ । ମହୋଦୟ ଇନାମୁଲ୍ ହକ୍ କୌସର୍ ସାହେବ ଥିଲେ । ସେହି ଦିନ ଠାରୁ ଆମେମାନେ ଭାଇ ଭାଇ ହୋଇଗଲୁ। ଆମେମାନେ ଏକତ୍ରିତ ହୋଇ କୋସ୍ରାଏ ଏବଂ ପମ୍ପାଇର ଯାତ୍ରା କଲୁ । ଗୋଟିଏ ସପ୍ତାହ ପଖାପାଖି ସେଠାରେ ଅବସ୍ଥାନ କଲୁ । ଆମେମାନେ ଯେତେବେଳେ ପରସ୍ପର ଠାରୁ ଅଲଗା ହେଲୁ ସେତେବେଳେ ଆମମାନଙ୍କ ସଂପର୍କ ଏପରି ଥିଲା ଯେପରିକି ଆମେମାନେ ଅନେକ କାଳ ଧରି ପରସ୍ପରକୁ ଚିହ୍ନିଛୁ । ଏହା ଇସ୍‌ଲାମୀୟ ଭ୍ରାତୃତ୍ୱତା ଥିଲା । ଅଲ୍ଲାଃତାଲାଙ୍କ କୃପାରୁ ମୁସଲମାନ ହେବା ପେର ମୋର ହୃଦୟକୁ ଶାନ୍ତି ଏବଂ ଆତ୍ମା ସନ୍ତୁଷ୍ଟ ତଥା ତୃପ୍ତ ହେଲି । ମୋତେ ନମାଜ୍ ପରିବର୍ତ୍ତନ କରିଦେଲା । ମୋର ପତ୍ନି ମଧ୍ୟ ମୋ ମଧ୍ୟରେ ପରିବର୍ତ୍ତନ ଅନୁଭବ କଲେ। ତତ୍ପରେ ଯେତେବେଳେ ବି ମୋତେ କୌଣସି ଜିନିଷର ଆବଶ୍ୟକତା ପଡୁଥିଲା ସେତବେଳେ ମୁଁ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ମାଗୁଥିଲି ଏବଂ ତୁରନ୍ତ ଅଲ୍ଲାଃତାଲା ସେହି ମନସ୍କାମନାକୁ ପୂର୍ଣ୍ଣ କରିଦେଉଥିଲେ । ଅନେକ ଥର ମୁଁ ଅଲ୍ଲାଃତାଲାଙ୍କ ସାହାଯ୍ୟକୁ ସ୍ୱଚକ୍ଷରେ ଅବଲୋକନ କରିଅଛି ଓ ପ୍ରତ୍ୟେକ ଦୁଆ (ପ୍ରାର୍ଥନା)ରେ ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିଅଛି ।"

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ନାତୁଣୀ ଜୁଲିୟା ସାହେବା କୁହନ୍ତି ଯେ, ନନା ଅତ୍ୟନ୍ତ ନୈଷ୍ଠିକ ମୁସଲମାନ ବ୍ୟକ୍ତି ଥିଲେ ଯିଏ ନିଜର ବିଶ୍ୱାସରୁ ତୃପ୍ତ, ସନ୍ତୁଷ୍ଟି ଓ ଶକ୍ତି ପ୍ରାପ୍ତ କରୁଥିଲେ । ଅନେକ ସମୟ ଆପଣ ନନା (ଅଜା) ଉପାସନାରେ ନିଜର ସମୟକୁ ଅତିବାହିତ କରୁଥିଲେ ଏବଂ ପବିତ୍ର କୁରଆନ୍ କରୀମର ତିଲାୱତ୍‌କୁ ଆପଣ ବହୁତ ଭଲ ପାଉଥିଲେ । ବିଭିନ୍ନ ଇସ୍‌ଲାମୀୟ ପୁସ୍ତକ ଅଧ୍ୟୟନ କରୁଥିଲେ। ଅନେକ ସମୟରେ ଆମେମାନେ ତାଙ୍କୁ ଗଭୀର ଚିନ୍ତାରେ ନିମଗ୍ନ ଥିବାର ଦେଖିଛୁ। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କ ବଂଶରେ କେତେକ ଲୋକମାନେ ଅହମଦି ନୁହନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ କି ସ୍ୱର୍ଗତଙ୍କର ବଂଶଧର ମଧ୍ୟ ଅହମଦି ହୋଇଯାଆନ୍ତୁ । **(ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍, 2025 ମସିହା, ନଭେମ୍ବର ମାସ 07 ତାରିଖ, 2025 ମସିହା ତାରିଖ, ପୃ- 2-7)**

☆--☆--☆

## ଓଡ଼ିଆ ନଜମ୍

### (ମୁ ତୀର୍ଥ ଯିବି ଆରେ ମୁଁ ତୀର୍ଥ ଯିବି)

ମୁଁକାଦିଆନ୍ ଯିବି ଆରେ ମୁଁ କାଦିଆନ୍ ଯିବି
କଳକୀ ଦୂତର ଜନମ ସ୍ଥାନ ବୁଲି ଦେଖୁଥିବି
ମୁଁ କାଦିଆନ୍ ଯିବି .........................।।
କଳକୀ ଦୂତ ହୋଇବେ ଜାତ
ଏ ସତ୍ୟ ବଚନ ସେ ତ' କୁରଆନ ଲିଖନ
ତାହା ଦେଖି ମୋ ନୟକୁ ପବିତ୍ର କରିବି ।।
ଦେଖିବି ସେଠି ମିନାରା ମସିହ୍
କେତେ ଉଚ୍ଚ ବାବୁ ସେ ତ' କେଡ଼େ ମନୋରମ
ସେ ବାଟେ କାହିଁ ଇସା ସ୍ୱର୍ଗରୁ ଆସୁ ନାହାନ୍ତି
ମୁଁ ତାହା ଦେଖିବି..........................।।
କେତେ ପଣ୍ଡିତ ଦିଅନ୍ତି ଶିକ୍ଷା
ବିଶ୍ୱ ଶାନ୍ତି ବାଟ ସେ ତ' ବିଶ୍ୱ ଶାନ୍ତି ବାଟ
ପ୍ରଚାର ଲାଗି ସେବକ ଗଣ ଗଡା ହୁଅନ୍ତି
ମୁଁ ତାହା ଦେଖିବି..........................।।
ବୈତୁଦ୍ ଦୁଆରେ ନଫିଲ୍ ପଢି
ମନର ବେଦନା ଯାହା ମନର ବେଦନା
ଅଲ୍ଲାଃ ପାଶରେ କହି ଦେଇ ମୁଁ ଶାନ୍ତି ପାଇବି
ମୁଁ କାଦିଆନ୍ ଯିବି .........................।।

(ଅବଶିଷ୍ଟାଂଶ...ପୃ-12ରେ)

## ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା

ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ଯେତେବେଳେ ବର କନ୍ୟା ଘରକୁ ଆସେ ଏବଂ ସେ ଅଣ ସଂପର୍କୀୟ ହିଁ ହୁଅନ୍ତୁ ନା କାହିଁକି, ସାହିର ସମସ୍ତ ମହିଳାମାନେ ବରକୁ ଦେଖି ପରଦା କରିବାକୁ ଜରୁରୀ ବୋଲି ମନେକରନ୍ତି ନାହିଁ । ସେମାନେ କୁହନ୍ତି, ହେଁ ବର ଠାରୁ କ'ଣ ବା ପରଦା କରିବୁ ଆମେ । ପୁନଶ୍ଚ କେବଳ ସେତିକି ନୁହେଁ ଅର୍ଥାତ୍ ସେମାନେ ବରକୁ ଦେଖି ପରଦା କରନ୍ତି ନାହିଁ ବରଂ ସେମାନେ ବର ସହିତ ଥଟ୍ଟା ମଜା ମଧ୍ୟ କରିଥାଆନ୍ତି । ଅତଏବ୍ ଏପରି ଅନେକ ପ୍ରକାରର କଥା ରହିଛି ଯେ, ବିବାହ ପର୍ବରେ ଧର୍ମବିଧାନର ବିରୁଦ୍ଧାଚାରଣ କରାଯାଇଥାଏ । ଲୋକମାନେ ଧର୍ମବିଧାନର ବିରୁଦ୍ଧାଚରଣ କରିଥାଆନ୍ତି । କିନ୍ତୁ ଏହା ଏପରି ଏକ ପ୍ରସଙ୍ଗ ଯେ, ଏଥି ସଂକ୍ରାନ୍ତରେ ଖୁବ୍ ସତର୍କତାର ସହିତ ଧର୍ମବିଧାନର ନିୟମାନୁବର୍ତ୍ତୀ ହେବା ଉଚିତ୍ ଓ ଆବଶ୍ୟକତା ଥିଲା ।"

**(ଖୁତବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-3, ପୃ-71)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବର୍ଣ୍ଣନା କରନ୍ତି: "ଯେଉଁ ଦୋଷ ଦୁର୍ବଳତା ତଥା କୁପ୍ରଥା ସ୍ଥାନିତ ହୋଇଯାଇଛି ତନ୍ମଧ୍ୟରୁ ଗୋଟିଏ ପ୍ରଥା ହେଲା ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା ମଧ୍ୟ ଏକ ପ୍ରସଙ୍ଗ ଅଟେ । ନିଃସନ୍ଦେହ ରୂପେ ଏହା ଧର୍ମବିଧାନକୁ ସୀମାଲଂଘ ନିକଟବର୍ତ୍ତୀ ହୋଇଯାଇଛି । ବର ପକ୍ଷ ଏଥି ସଂକ୍ରାନ୍ତରେ ନିଃସ୍ତବ୍ଧତାକୁ ମଧ୍ୟ ପରିପ୍ରକାଶିତ କରିଥାଏ । କାରଣ ସମ୍ମାନସ୍ପଦ ଅତିଥିମାନଙ୍କ ମଧ୍ୟରେ ଅନେକ ପ୍ରକାରର ଲଜ୍ଜାଶୀଳ ପରଦା ପରିଧାନ କରିଥିବା ମହିଳାମାନେ ମଧ୍ୟ ଥାଆନ୍ତି । ବେଧଡ଼କ ଫୋଟୋ ଉତ୍ତୋଳନକାରୀ କିମ୍ବା ଦାୟିତ୍ୱହୀନତା ଏବଂ ସତୀ ତଥା ଅବିବାହିତକୁ ଡାକୁ ଫଟୋ ଉତ୍ତୋଳନ କରିବା ଏବଂ ଏହା ଚିନ୍ତା ନକରିବା କି ଉକ୍ତ ପ୍ରସଙ୍ଗଟି କେବଳ ବଂଶର ନିକଟ ପରିଧି ମଧ୍ୟରେ ସୀମିତ ଅଟେ। ଏଥି ସଂକ୍ରାନ୍ତରେ ସ୍ପଷ୍ଟ ରୂପେ ବାରମ୍ବାର ଉପଦେଶ ଦିଆଯିବା ଉଚିତ୍ ଯେ, ଆପଣ ଯଦି ପରିବାରବର୍ଗଙ୍କ ଭିଡ଼ିଓ ଇତ୍ୟାଦି କରିବେ ତେବେ ପ୍ରଥମେ ଅତିଥିମାନଙ୍କୁ ସାବଧାନ ଓ ସତର୍କକ କରିଦିଆଯାଉ । କେବଳ ସିମିତ ପରିବାରବର୍ଗ ତଥା ବଂଶ ପରିଧି ମ ଧରେ ହିଁ ନିଜର ସୌକକୁ ପୂର୍ଣ୍ଣ କରାଯାଉ ସମସ୍ତଙ୍କ ପାଇଁ ନୁହେଁ।"**(ଦୈନିକ ଅଲ୍ ଫଜଲ୍, ରବୱା, 2002 ମସିହା, ଜୁନ୍ ମାସ 26 ତାରିଖ, ପୃ-4) (ରିସ୍ତା ନାତା ବିଭାଗ, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)**

☆--☆--☆

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବା ଉଚିତ୍ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର୍/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ,
ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530,
9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ହଦିସର ଅନୁମତିର ଅର୍ଥ ଏହା ନୁହେଁ ଯେ, ପରସ୍ପରକୁ ବୁଝିବା ନିମନ୍ତେ ସବୁବେଳେ ଅଲଗା ସ୍ଥାନରେ ଯାଇ ବସିବେ ?

### ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ (ପଞ୍ଚମ ଖଲିଫା)ଙ୍କ ନିତୀବାଣୀ

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ହ. ମୁଗିରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଏକ ସ୍ଥାନାରେ ନିଶାନୀ କରିବାକୁ ସନ୍ଦେଶ ପ୍ରେରଣ କଲେ । ତେବେ ଆପଣ ସ.ଅ କହିଲେ, ହେ ମୁଗିରାହ୍ ! ତୁମେ ସେହି କନ୍ୟାକୁ ଦେଖିନିଅ । କାରଣ ଏପରି ଦେଖିବା ଦ୍ୱାରା ତୁମ ମଧ୍ୟରେ ଓ କନ୍ୟା ମଧ୍ୟରେ ସମନ୍ୱୟତା ଏବଂ ପ୍ରେମ ସଂପର୍କ ଗଢି ଉଠିବାର ସମ୍ଭାବନା ଅଧିକ ରହିଛି ।

**(ତିର୍ମିଜି, କିତାବୁନ୍ ନିକାହ୍, ବାବ୍- ଫିନ୍ ନଜରି ଇଲଲ୍ ମଖତୁବତି)**

ଉପରୋକ୍ତ ହଦିସରେ ଯେଉଁ ଅନୁମତି ପ୍ରଦାନ କରାଯାଇଛି ତାହାକୁ ଆଜିକାଲି ସମାଜରେ କେତେକ ଲୋକମାନେ ଭୁଲ୍ ଅର୍ଥ ମନେକରି ନେଇଛନ୍ତି । ସେହି ଲୋକମାନେ ଏହି ଅର୍ଥ ଗ୍ରହଣ କରି ନେଇଛନ୍ତି ଯେ, ପରସ୍ପରକୁ ବୁଝିବା ନିମନ୍ତେ ବର ଓ କନ୍ୟା ପରିବାର ବର୍ଗଙ୍କ ଠାରୁ ପୃଥକ୍ ରୁହନ୍ତୁ ଏବଂ ଅଲଗା ବୁଲାବୁଲି କରୁ ଥାଆନ୍ତୁ.......ଘରମାନଙ୍କର ମଧ୍ୟ ବର ଓ କନ୍ୟା ଘଣ୍ଟା ଧରି ଭିନ୍ନ ହୋଇ ବସି ରହିଥାଆନ୍ତି । ତେଣୁ ଏହି ପ୍ରସଙ୍ଗଟି ଭୁଲ୍ ଅଟେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ପରସ୍ପର ସମ୍ମୁଖକୁ ଆସି ପରସ୍ପରର ମୁଖକୁ ଦେଖି ପରସ୍ପରକୁ ଦେଖିବା ବୁଝିବାରେ ସହଜତା ସୃଷ୍ଟି ହୋଇଥାଏ । କଥାବାର୍ତ୍ତା କରିବା ସମୟରେ କେତେକ ଗତିବିଧି ସଂପର୍କରେ ଜଣା ପଡ଼ି ଯାଇଥାଏ । ଅର୍ଥାତ୍ ପୁଅ ଝିଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ଓ ଝିଅ ପୁଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ।

ପୁନଶ୍ଚ ଆଜିକାଲିକା ଯୁଗରେ ଘରର ସଦସ୍ୟମାନଙ୍କ ସହିତ ବସି ଖାଦ୍ୟ ଖାଇବାରେ କୌଣସି ଅସୁବିଧା ଓ ଆପତ୍ତି ନାହିଁ । ଆହାର ଖାଇବା ସମୟରେ ମଧ୍ୟ ପରସ୍ପରର ଅନେକ ଗତିବିଧି ଓ ଅଭ୍ୟାସ ପ୍ରକାଶିତ ହୋଇଯାଇଥାଏ । ଯଦି ଏପରି କୌଣସି କଥା ଭଲ ନଲାଗେ ତେବେ ଆଗରୁ ଜଣା ପଡ଼ିଯିବ ଏବଂ ପରବର୍ତ୍ତୀ ସମୟରେ କଳି ଝଗଡ଼ା ହେବ ନାହିଁ । ଯଦି ସୁଗୁଣ ରହିଛି ତେବେ ସମନ୍ୱୟ ଓ ପ୍ରେମ ସଂପର୍କ ଗଢି ଉଠିଥାଏ.......ବେଳେବେଳେ ଅନ୍ୟ ଲୋକମାନଙ୍କର ଏହି ଭୂମିକା ହୋଇ ଯାଇଥାଏ ଯେ, ଯଦି କାହା ସହିତ ରିସ୍ତା (ନିର୍ବନ୍ଧ) ହୋଇଗଲା ତେବେ ସେହି ସଂପର୍କକୁ ଭାଙ୍ଗିବା ନିମନ୍ତେ ଉଦ୍ୟମ କରିଥାଆନ୍ତି । ସେମାନଙ୍କୁ ସମ୍ମୁଖରେ ମିଳିବା ନିମନ୍ତେ ସୁଯୋଗ ମିଳି ନଥାଏ ।

ପୁଅ ଝିଅ ପରସ୍ପରର ଗତିବିଧିକୁ ଲକ୍ଷ୍ୟ କରିବା ଦ୍ୱାରା ପରସ୍ପରକୁ ଜାଣିଯାଇଥିବେ । କିନ୍ତୁ ବେଳେବେଳେ କେତେକ ଲୋକ ଅନ୍ୟ ପାର୍ଶ୍ୱରୁ ଚରମ ସୀମାକୁ ପହଞ୍ଚି ଯାଇଥାଆନ୍ତି । ସେମାନେ ଆଦୌ ଏହା ସହ୍ୟ କରିପାରନ୍ତି ନାହିଁ ଯେ, ପୁଅ ଝିଅ ବା ବର କନ୍ୟା ବିବାହ ପୂର୍ବରୁ କିମ୍ବା ସନ୍ଦେଶ ସମୟରେ ପରସ୍ପର ମୁହାଁମୁହିଁ ହୋଇ ବସିବେ । ଏହାକୁ ସ୍ୱାଭିମାନର ନାମ ପ୍ରଦାନ କରାଯାଇଥାଏ । ଇସଲାମ୍ ଧର୍ମର ଶିକ୍ଷା ଏକ ମଧ୍ୟବର୍ତ୍ତୀ ଶୀକ୍ଷା ଉପରେ ପର୍ଯ୍ୟବେସିତ ଅଟେ । ନା କୌଣସି ଶିକ୍ଷା ନ୍ୟୁନ ରହିଛି ଓ ନା ହିଁ କୌଣସି ଶିକ୍ଷା ଆଧିକତ୍ୟତା ରହିଛି । ସେହିପରି ଇସଲାମ୍ ଧର୍ମ ଚରମତ୍ୱ, ଚରମ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଜୋର ଦେଇଥାଏ । ଏହା ଦ୍ୱାରା ଅର୍ଥାତ୍ ଇସଲାମ୍ ଧର୍ମର ଶିକ୍ଷା ଦ୍ୱାରା ହିଁ ମନୁଷ୍ୟ ସମାଜରେ ଶାନ୍ତିରେ ଜୀବନ ଯାପନ କରିବ ଓ ସମାଜରେ ଉପଦ୍ରବରୁ ଦୂରେଇ ରହି ପାରିବ । **(ଖୁତବାତେ ମସ୍ରୁର, ଗ୍ରନ୍ଥଖଣ୍ଡ-2, ପୃ-934) (ଶୋବା ରିସ୍ତା ନାତା, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)** ☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ନାହିଁ ଏବଂ ସମୟ ଓ ସୁଯୋଗ ଦେଖି ଏହି ଲୋକମାନ ମିଛ କଥା କହି ଦେଇଥାଆନ୍ତି।

**(ତଫ୍‌ସିର୍ କବିର୍, ଭାଗ-6, ପୃ-180, ସଂସ୍କରଣ-2010 ମସିହା)**

☆--☆--☆

## (ବିଶେଷ ସୂଚନା)

ଏତଦ୍ଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଇଂଲଣ୍ଡରେ ଯେହେତୁ ଶୀତ ଋତୁ (Winter Time) ଆରମ୍ଭ ହୋଇଯାଇଛି ତେଣୁ ତା- 31 ଅକ୍ଟୋବର 2025 ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ପୂର୍ବବତ୍ ଏମ୍.ଟି.ଏରେ ନିମ୍ନ ଲିଖିତ ସମୟାନୁଯାୟୀ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ:**

**ଇସ୍‌ଲାମାବାଦ୍ (ବ୍ରିଟେନ୍): 1.00 GMT ସମୟରେ**

**କାଦିୟାନ୍ (ଭାରତ): ସନ୍ଧ୍ୟା 6.30 P.M ସମୟରେ**

**(ବଦରର ସମ୍ପାଦକ ମଣ୍ଡଳୀ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 27 November 2025 Issue No. 48

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-10ରେ ବର୍ଣ୍ଣିତ ଓଡ଼ିଆ ନଜମର ଅବଶିଷ୍ଟାଂଶ....

ଧରମ ସଭା କି ମନ ଲୋଭା
କେତେ ଦେଶୁ ବାବୁ ଭକ୍ତ (ବାବୁ) କେତେ ଦେଶ ଭକ୍ତ
ଧାଇଁ ଅଛନ୍ତି ପତଙ୍ଗ ସମ ଜ୍ୱଳନ୍ତ ଦୀପ ଲଭି
ମୁଁ ତାହା ଦେଖିବି..........................।।
ଦୁଇ ମସଜିଦେ କେଡ଼ ଆନନ୍ଦେ ପ୍ରାର୍ଥନା କରନ୍ତି ଭକ୍ତେ ପ୍ରାର୍ଥନା କରନ୍ତି
ତାଙ୍କ ସହିତ ପ୍ରାର୍ଥନା କରି ପାପ ଉଦ୍ଧରିବି
ମଁ କାଦିଆନ୍ ଯିବି ........................।।
ସବୁରି ହୃଦେ ଗୋଟିଏ ଭାବ
ଦେଖିଲେ ଜାଣିବ, ଭାଇ ଦେଖିଲେ ଜାଣିବ
ଧନ ଜୀବନ ତୁଚ୍ଛ କରି ମାଟିରେ ଗଡିବ
ମୁଁ କାଦିଆନ୍ ଯିବି ........................।।

☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିଆ ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିଆ ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିଆ ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିଆ ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ وَّاٰلِ مُحَمَّدٍ

**ଅନୁବାଦ:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسْتَغْفِرُ اللّٰهَ رَبِّيْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ
(ଅଜ୍ କୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି)

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan